ବର୍ଷ-୨୪, ସଂଖ୍ୟା-୨୬୧
ଭୁବନେଶ୍ୱର
୨୪ ଅକ୍ଟୋବର, ୨୦୨୪ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 261
Bhubaneswar
24 October, 2024 Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆଜିଠୁ ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ

# ଆଜି ମାଡ଼ ହେବ ଦାନା


- ଭିତରକନିକା-ଧାମରା ମଧ୍ୟରେ ଲ୍ୟାଣ୍ଡଫଲ୍
- ଭଦ୍ରକ, କେନ୍ଦ୍ରାପଡ଼ା ଓ ବାଲେଶ୍ୱରକୁ ଅଧିକ ବିପଦ
- ସମୁଦ୍ରରେ ଆସିବ ବଡ଼ ବଡ଼ ଜୁଆର
- ୫୦ କିମି ପରିଧି ଭିତରେ କରିବ ଛାରଖାର
- ପୁରୀ, ଧାମରା ଏବଂ ପାରାଦୀପ ବନ୍ଦରକୁ ୧୦ ନମ୍ବର ବିପଦ ସଂକେତ

**ଭୁବନେଶ୍ୱର,୨୩।୧୦(ମହାଭାରତ):** ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ଉତ୍ତର ଆଣ୍ଡାମାନ ସାଗରରେ ସାମୁଦ୍ରିକ ବାତ୍ୟା 'ଦାନା' ସୃଷ୍ଟି ହୋଇଛି। ଗଭୀର ଅବପାତ ଆଜି ବାତ୍ୟା ରୂପ ନେଇ ସ୍ଥଳଭାଗ ଆଡକୁ ମାଡ଼ିଆସୁଛି। ଯେତିକି ପାଖଉଛି, ଲୋକଙ୍କ ମନରେ ସେତିକି ଛନକା ପଶୁଛି। ପାରାଦୀପ ଠାରୁ ଏବେ ୪୨୦ କିମି ଦୂରରେ ରହିଛି ସାମୁଦ୍ରିକ ଝଡ଼ ଦାନା। ସେହିପରି ଧାମରା ଠାରୁ ୪୫୦ କିମି ଓ ସାଗର ଦ୍ୱୀପ ଠାରୁ ୫୦୦ କିମି ଦୂର ଦକ୍ଷିଣ-ଦକ୍ଷିଣପୂର୍ବରେ ରହିଛି। ଗତ ୬ ଘଣ୍ଟା ୧୨ କିମି ବେଗରେ ସ୍ଥଳଭାଗକୁ ମାଡ଼ିଆସୁଛି। ଏହାର ପ୍ରଭାବ ପ୍ରଭାବ କେନ୍ଦ୍ରାପଡ଼ାଠାରୁ ବାଲେଶ୍ୱର ଉପକୂଳ ପର୍ଯ୍ୟନ୍ତ ରହିବ। ଆଜି ସଂଧ୍ୟାରୁ କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ଆସନ୍ତାକାଲି ଭୀଷଣ ବାତ୍ୟାରେ ପରିଣତ ହୋଇ ଏହା ଭିତରକନିକାରୁ ଧାମରା ମଧ୍ୟରେ ମାଡ ହେବ ବୋଲି ସ୍ପଷ୍ଟ କରିଛି ଆଇଏମ୍‌ଡି। ୨୪ ତାରିଖ ମଧ୍ୟରାତ୍ରିରେ ସ୍ଥଳଭାଗ ଛୁଇଁବାକୁ ଥିବା ଏହି ବାତ୍ୟାର ପ୍ରଭାବ ବହୁ କମ୍ ସମୟ ରହିବ।

ବାତ୍ୟା ସ୍ଥଳଭାଗ ଛୁଇଁଲା ବେଳକୁ ପବନର ଘଣ୍ଟାପ୍ରତି ବେଗ ୧୦୦ରୁ ୧୧୦ କି.ମି ରହିଥିବ। ଅତିରୁ ଅତିପ୍ରବଳ ବର୍ଷା ହେଉଥିବ ବେଳେବେଳେ ପବନର ବେଗ ୧୨୦ କିମି ଛୁଇଁପାରେ। ସ୍ଥଳଭାଗରେ ମାତ୍ର ୩୦ କିମି ପର୍ଯ୍ୟନ୍ତ ବାତ୍ୟା ତାଣ୍ଡବ ରଚିବ ଏବଂ ୨୫ ତାରିଖ ଭୋର ବେଳକୁ ଗଭୀର ଅବପାତରେ ପରିଣତ ହୋଇସାରିଥିବ। ସମୁଦ୍ରରେ ୭ ଫୁଟ୍ ଉଚ୍ଚର ଜୁଆର ମାଡି ଆସିବ। ଲ୍ୟାଣ୍ଡଫଲର ୫୦ କିମି ପରିଧି ଭିତରେ ତାଣ୍ଡବ ରଚିବ। କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର ■ପୃଷ୍ଠା-୬

## ହାଇଆଲର୍ଟରେ ଭାରତୀୟ ତଟରକ୍ଷୀ ବାହିନୀ

**ଭୁବନେଶ୍ୱର,୨୩।୧୦(ମହାଭାରତ):** ବାତ୍ୟା 'ଦାନା' ସ୍ଥଳଭାଗ ଛୁଇଁବା ପୂର୍ବରୁ ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଜୀବନ ଓ ସମ୍ପତ୍ତି କ୍ଷୟକ୍ଷତିକୁ ସୁରକ୍ଷିତ ରଖିବା ପାଇଁ ଅନେକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭାରତୀୟ ତଟରକ୍ଷୀ ବାହିନୀ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ଏବଂ ବାତ୍ୟା ପ୍ରଭାବରୁ ଉପୁଜିଥିବା ଯେକୌଣସି ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଭାରତୀୟ ତଟରକ୍ଷୀ ବାହିନୀ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଜାହାଜ, ବିମାନ ଏବଂ ରିମୋଟ୍ ଅପରେଟିଂ ଷ୍ଟେସନଗୁଡ଼ିକୁ ମତ୍ସ୍ୟଜୀବୀ ଏବଂ ନାବିକମାନଙ୍କୁ ନିୟମିତ ପାଣିପାଗ ସତର୍କ ସୂଚନା ଏବଂ ସୁରକ୍ଷା ପରାମର୍ଶ ପ୍ରଦାନ କରିବାକୁ ଦାୟିତ୍ୱ ଦେଇଛି। ସମସ୍ତ ମାଛଧରା ଜାହାଜକୁ ଏହି ସତର୍କ ସୂଚନା ଜାରି କରାଯିବା ସହ ତୁରନ୍ତ କୂଳକୁ ଫେରି ସୁରକ୍ଷିତ ଆଶ୍ରୟ ନେବାକୁ ଅନୁରୋଧ କରାଯାଉଛି। ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟ ସମୁଦ୍ରରେ ଯେକୌଣସି ■ପୃଷ୍ଠା-୬



## ବାତ୍ୟା ପ୍ରଭାବ

### ବିମାନ ଉଡ଼ାଣ ବାତିଲ୍

ଆସନ୍ତାକାଲି ଅର୍ଥାତ ଗୁରୁବାର ଅପରାହ୍ନ ୫ଟା ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ କୌଣସି ବିମାନ ଉଡି ପାରିବ ନାହିଁ। ଏପରିକି ଆସି ପାରିବ ନାହିଁ। ଏହି ନିର୍ଦ୍ଦେଶନାମା ୨୫ ତାରିଖ ଅର୍ଥାତ ଶୁକ୍ରବାର ସକାଳ ୯ଟା ପର୍ଯ୍ୟନ୍ତ ବଳବତ୍ତର ରହିଛି। ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି ବାତ୍ୟା ଦାନା ପାଇଁ ଏପରି ନିଷ୍ପତ୍ତି ନେଇଛନ୍ତି।

### ନନ୍ଦନକାନନ ବନ୍ଦ

ସମ୍ଭାବ୍ୟ ବାତ୍ୟା ପାଇଁ ଦୁଇଦିନ ବନ୍ଦ ରହିବ ନନ୍ଦନକାନନ। ଆସନ୍ତାକାଲି ଓ ୨୫ ତାରିଖରେ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ନନ୍ଦନକାନନ ବନ୍ଦ ରହିବ। ଏନେଇ ନନ୍ଦନକାନନ ପକ୍ଷରୁ ସୂଚନା ଦିଆଯାଇଛି।

### ଓସିଏସ ପ୍ରିଲିମ ସ୍ଥଗିତ

ବାତ୍ୟା ପାଇଁ ଓସିଏସ ପ୍ରିଲିମ ସ୍ଥଗିତ ନିଷ୍ପତ୍ତି। ଆସନ୍ତା ୨୭ରେ ହେବାକୁ ଥିବା ପରୀକ୍ଷା ସ୍ଥଗିତ ରଖାଯାଇଛି। ୭ ଦିନ ପରେ ନୂଆ ତାରିଖ ଧାର୍ଯ୍ୟ ହେବ। ଏନେଇ ଓପିଏସସି ପକ୍ଷରୁ ସୂଚନା ଦିଆଯାଇଛି।

### ହାଇକୋର୍ଟ ବନ୍ଦ

ବାତ୍ୟାଂ ଦାନାକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୪ ଓ ୨୫ରେ ଓଡ଼ିଶା ହାଇକୋର୍ଟ ବନ୍ଦ ରହିବ। ଏଥି ପାଇଁ ନଭେମ୍ବର ୩୦ ଓ ଡିସେମ୍ବର ୭ରେ ହାଇକୋର୍ଟ ଖୋଲା ରହିବ।

### ବନ୍ଦ ହୋଇପାରେ ବସ ସେବା

ବାତ୍ୟା ପ୍ରଭାବ ଆରମ୍ଭ ହେଲା ପରେ ପବନ ବେଗକୁ ଦେଖି ଆବଶ୍ୟକ ପଡ଼ିଲେ ବସ ସେବା ଆଂଶିକ ଭାବେ ବନ୍ଦ କରାଯିବ। ଲୋକେ କିପରି ବାତ୍ୟା ଆଶ୍ରୟସ୍ଥଳୀରେ ପହଂଚିବେ ସେ ନେଇ ପରିବହନ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି। ତାଙ୍କୁ ଗଞ୍ଜାମ ଜିଲ୍ଲାର ଦାୟିତ୍ୱ ଦିଆଯାଇଛି। ଲୋକଙ୍କୁ କିପରି ସ୍ଥାନାନ୍ତର କରାଯିବ ସେ ନେଇ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଜେନା ସୂଚନା ଦେଇଛନ୍ତି।

### ଛାତ୍ରଛାତ୍ରୀଙ୍କୁ ପରାମର୍ଶ

ବାତ୍ୟା ପାଇଁ ଛାତ୍ର ଛାତ୍ରୀଙ୍କୁ ଘରକୁ ଫେରିଯିବା ପାଇଁ ପରାମର୍ଶ। ଉତ୍କଳ ବିଶ୍ୱ ବିଦ୍ୟାଳୟ ହଷ୍ଟେଲ ଛାତ୍ର ଛାତ୍ରୀମାନଙ୍କ ପାଇଁ ବାତ୍ୟା ଦାନାକୁ ନେଇ ସଚେତନତା ନିର୍ଦ୍ଦେଶାବଳୀ। ଯେତେ ଦୂର ସମ୍ଭବ ଛାତ୍ର ଛାତ୍ରୀଙ୍କୁ ଘରକୁ ଫେରିଯିବା ପାଇଁ ପରାମର୍ଶ ଦିଆଯାଇଛି। ଯେଉଁମାନେ ହଷ୍ଟେଲରେ ରହିବେ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରଖିବେ। ଅତି ଆବଶ୍ୟକ ଜନିଷ ଶୁଖିଲା ଖାଦ୍ୟ, ଲାଇଟ, ଆବଶ୍ୟକ ଜିନିଷ ନିଜ ପାଖେ ରଖିବେ। ହଷ୍ଟେଲରୁ ବାହାରକୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ଫୋନ ଚାର୍ଜ କରି ରଖିବା ସହ ଘର ଲୋକଙ୍କ ସହ ଯୋଗାଯୋଗ ରଖିବାକୁ କୁହାଯାଇଛି। ଏହାସହିତ ଭୟଭିତ ନ ହୋଇ ସଚେତନ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ହସ୍ପିଟାଲରେ ଗର୍ଭବତୀ

ବାତ୍ୟା ଦାନାର ପ୍ରଭାବ ଉପକୂଳବର୍ତ୍ତୀ ଜିଲ୍ଲାରେ ପ୍ରଭାବ ପଡ଼ିବ। ଜିରୋ କାଜୁଆଲିଟିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ତେଣୁ ଆଗୁଆ ପଦକ୍ଷେପ ସ୍ୱରୂପ ଗର୍ଭବତୀମାନଙ୍କୁ ହସ୍ପିଟାଲକୁ ନିଆଯାଇଛି। ଭିତରକନିକାରେ ଲ୍ୟାଣ୍ଡଫଲ କରିବାର ସମ୍ଭାବନା ରହିଛି ଯେଉଁଥିପାଇଁ ଉପକୂଳ ଓଡ଼ିଶାର ରାଜନଗରରେ ବାତ୍ୟା ହୋଇପାରେ। ତେଣୁ ୩୨ ଜଣ ଗର୍ଭବତୀଙ୍କୁ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ୩୭ ଗର୍ଭବତୀଙ୍କୁ ବେତନଟୀ, ବୈଶିଙ୍ଗା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତରଖାନାରେ ସମସ୍ତଙ୍କୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି।

# ଭୟଭୀତ ନ ହେବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍



**ଭୁବନେଶ୍ୱର,୨୩।୧୦(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି।

ସମୀକ୍ଷା ପରେ ଗଣମାଧ୍ୟମ ନିକଟରେ ନିଜର ବିବୃତି ରଖି, ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କୌଣସି ପରିସ୍ଥିତିରେ ଭୟଭୀତ ବା ଆତଙ୍କିତ ନ ହେବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। ବିପଦ ଟଳିବା ପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଓ ସତର୍କ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ।

ପରିସ୍ଥିତିକୁ ତଦାରଖ କରିବା ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ସମସ୍ତେ କ୍ୟାବିନେଟ ବୈଠକ ପରେ ଜିଲ୍ଲାଗସ୍ତରେ ଯାଇଛନ୍ତି। ଏହା ସହିତ ଅଭିଜ୍ଞତା ସମ୍ପନ୍ନ ଅଧିକାରୀମାନଙ୍କୁ ମଧ ଦାୟିତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଯେଉଁ ସବୁ ଜିଲ୍ଲାରେ ବାତ୍ୟାର ସମ୍ଭାବନା ଅଛି, ସେ ସବୁ ଜିଲ୍ଲାରେ ବିପଦଶଙ୍କୁଳ ଅଞ୍ଚଳରୁ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ବର୍ତ୍ତମାନ ସୁଦ୍ଧା ବିପଦଶଙ୍କୁଳ ଅଞ୍ଚଳରୁ ୩୦ ପ୍ରତିଶତ ଲୋକଙ୍କୁ ସ୍ଥାନାନ୍ତର କରାଯାଇସାରିଛି। ରାତି ସାରା ସ୍ଥାନାନ୍ତର କାର୍ଯ୍ୟ ଚାଲିବ ଏବଂ ଆସନ୍ତା କାଲି ସକାଳ ୧୧ଟା ସୁଦ୍ଧା ୯୦ ପ୍ରତିଶତ ସ୍ଥାନାନ୍ତର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟ ଓ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

**ଦିନ ୧୧ଟା ସୁଦ୍ଧା ସରିବ ସ୍ଥାନାନ୍ତର ପ୍ରକ୍ରିୟା**

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର, କଟକ ଓ ପୁରୀ ଜିଲ୍ଲା ଅଧିକ ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ, ଯଦି ଗତିପଥ ବଦଳେ, ତେବେ ଅନ୍ୟାନ୍ୟ ଜିଲ୍ଲା ମଧ୍ୟ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେଥିପାଇଁ ସରକାର ମଧ ପ୍ରସ୍ତୁତ ରହିଛନ୍ତି।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ। ବାତ୍ୟା ସମ୍ଭାବନା ଥିବା ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରି ସେଠାରେ ବିଭିନ୍ନ ସାଟେଲାଇଟ ସୂଚନା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ଜରୁରୀକାଳୀନ ଯୋଗାଯୋଗ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

# ଭାରତ-ଚୀନ୍ ଦ୍ୱିପାକ୍ଷିକ ଆଲୋଚନା

**ମସ୍କୋ,୨୩।୧୦(ଏଜେନ୍ସି):** ରୁଷର କଜାନରେ ବ୍ରିକ୍ସ ସମିଟ୍ ବାହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଦୁଇ ବିଶ୍ୱସ୍ତରୀୟ ନେତାଙ୍କ ମଧ୍ୟରେ ପ୍ରାୟ ଏକ ଘଣ୍ଟା ଯାଏ ବୈଠକ ହୋଇଛି। ଏହି ବୈଠକ ପରେ ପିଏମ୍ ମୋଦୀ କହିଛନ୍ତି ଯେ ସୀମାରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଆମର ପ୍ରାଥମିକତା ରହିବା ଦରକାର। ଦୀର୍ଘ ୫ ବର୍ଷ ପରେ ଆମର (ଚୀନ ରାଷ୍ଟ୍ରପତି ଜିନପିଙ୍ଗଙ୍କ ସହ) ସାକ୍ଷାତ ହୋଇଛି।

ଯେତେବେଳେ ଡେପସାଙ୍ଗ ସମତଳ ଅଞ୍ଚଳ ଏବଂ ଡେମଚୋକ ଅଞ୍ଚଳରେ ଭାରତର ଚୀନ୍ ପରସ୍ପରର ପାଟ୍ରୋଲିଂ ଅଧିକାର ଫେରାଇ ଆଣିବାକୁ ରାଜି ହୋଇ ସାରିଛନ୍ତି ସେତେବେଳେ ଦୁଇଦିନ ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ଦ୍ୱାରା ପୂର୍ବ ଲଦାଖରେ ଥିବା ବାସ୍ତବ ନିୟନ୍ତ୍ରଣ ରେଖା(ଏଲଏସି) ସହିତ ବିବାଦର ସମାଧାନ ପାଇଁ ପ୍ରୟାସରେ ନୂଆ ଦିଗ ମିଳିବ ବୋଲି ଚର୍ଚ୍ଚା ହେଉଛି।

ଦ୍ୱିପାକ୍ଷିକ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର ଶାନ୍ତି



ଏବଂ ସ୍ଥିରତା ପାଇଁ ଆମର ବୈଠକ ଗୁରୁତ୍ୱପୂର୍ଣ୍ଣ। ସୀମାରେ ସହମତି ସ୍ୱାଗତଯୋଗ୍ୟ। ମୁଁ ନିଶ୍ଚିତ ଯେ ଆମେ ଖୋଲା ମନ ସହ କଥା ହେବା ଏବଂ ଆମର ଆଲୋଚନା ଗଠନମୂଳକ ହେବ।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆମେ ପାଞ୍ଚ ବର୍ଷ ■ପୃଷ୍ଠା-୬

# ରେଳବାଇର ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୨୩।୧୦(ପିଆଇବି):** ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ମୁହାଁ ହୋଇଥିବା ସାମୁଦ୍ରିକ ଝଡ଼ ଦାନାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି, ଯେଉଁଥିରେ ସମ୍ପୃକ୍ତ ଜୋନାଲ ରେଳବାଇ ଅର୍ଥାତ ପୂର୍ବତଟ ରେଳପଥ ଓ ଦକ୍ଷିଣ ପୂର୍ବ ରେଳପଥର ବାତ୍ୟା ମୁକାବିଲା ପ୍ରସ୍ତୁତି ସମୀକ୍ଷା କରାଯାଇଛି।



କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ରେଳବାଇ ବୋର୍ଡର ଅଧକ୍ଷ ତଥା ସିଇଓ, ସମସ୍ତ ବୋର୍ଡ ସଦସ୍ୟ, ପୂର୍ବତଟ ରେଳପଥ ଏବଂ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ, ଖଡ଼ଗପୁର, ଚକ୍ରଧରପୁର, ଆଦ୍ରା ଓ ଖୋର୍ଦ୍ଧା ରୋଡର ଡିଭିଜନାଲ ରେଳ ପ୍ରବନ୍ଧକମାନେ ଯୋଗ ଦେଇଥିଲେ। କ୍ଷୟକ୍ଷତିକୁ ସର୍ବନିମ୍ନ ସ୍ତରରେ ରଖିବା ଲକ୍ଷ୍ୟ ନେଇ ଅଧିକରୁ ଅଧିକ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରୀମାନେ ଯେପରି ସର୍ବନିମ୍ନ ଅସୁବିଧାର ସମ୍ମୁଖୀନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି। ■ପୃଷ୍ଠା-୬

# ୬ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ବାଜିଲା କ୍ୟାବିନେଟ୍ ମୋହର

- ଖାରଜ ହୋଇଥିବା ସୁଭଦ୍ରା ଆବେଦନର ହେବ ପୁନଃବିଚାର
- ବିମାନ ଚଳାଚଳ ପାଇଁ ଆସିବ ନୂଆନୀତି
- ଜିଏସଟିର ୩୪ ବିଷୟରେ ସଂଶୋଧନ
- ଧାନର ଏମଏସପି ୩୧୦୦ ଟଙ୍କା ବୃଦ୍ଧିକୁ ମଞ୍ଜୁରୀ
- ଖାଦ୍ୟ ଓ ଧାନ ସଂଗ୍ରହ ନୀତିକୁ ମୋହର

**ଭୁବନେଶ୍ୱର,୨୩।୧୦(ମହାଭାରତ):** ଆଜି ରାଜ୍ୟ ମନ୍ତ୍ରୀମଣ୍ଡଳର ୯ମ ବୈଠକ ଲୋକ ସେବା ଭବନ ସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମନ୍ତ୍ରୀମଣ୍ଡଳ ବୈଠକରେ ଆଲୋଚନା ପୂର୍ବକ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୧ଟି, ବାଣିଜ୍ୟ ଓ ପରିବହନ ବିଭାଗର ୧ଟି, ଅର୍ଥ ବିଭାଗର ୧ଟି, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ୧ଟି, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୧ଟି ଓ ମହିଳା ଓ ଶିଶୁ ବିକାଶ ବିଭାଗର ୧ଟି, ଏହିପରି ମୋଟ ୬ଟି ପ୍ରସ୍ତାବ ପାରିତ ହୋଇଥିଲା। ଅନୁଷ୍ଠିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସଂପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗଣ ମାଧ୍ୟମକୁ ବିଶଦ ସୂଚନା ଦେଇଥିଲେ।

କ୍ୟାବିନେଟ୍ ନିଷ୍ପତ୍ତି ସଂପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଜିଏସଟି ଆକ୍ଟରେ ସଂଶୋଧନ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଜିଏସଟିରେ ୩୪ଟି ବିଷୟରେ ସଂଶୋଧନ କରାଯାଇଛି। ଏବେ ବିଧାନସଭା ଅଧିବେଶନ ନ ଥିବାରୁ ଅଧାଦେଶ ଜରିଆରେ ଏହି ସଂଶୋଧନ କରାଯାଇଛି। ଏହି ସଂଶୋଧନ କାରଦାତାଙ୍କୁ ସୁହାଇବା ବୋଲି ଜଣାପଡିଛି।

କୁଇଂଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣାଯିବ। କ୍ୟାବିନେଟରେ ଅନୁମୋଦନ ଦିଆଯାଇଛି। ଏହା ଛଡା ରାଜ୍ୟରେ ଧାନ କ୍ରୟ ପାଇଁ ୪ ହଜାରରୁ ଅଧିକ ଧାନ କ୍ରୟ କେନ୍ଦ୍ର ଖୋଲାଯିବ ଓ ସମବାୟ ସମିତି ଜରିଆରେ ଏହା ସ୍ଥାପନ କରାଯିବ। ଜଣେ ଜଣେ ଅଫିସର ପ୍ରତି ମଣ୍ଡିରେ ରହିବେ। ୪୮ ଘଂଟା ଭିତରେ ଚାଷୀଙ୍କୁ ଟଙ୍କା ମିଳିବ।

ଖାଦ୍ୟ ଓ ଧାନ ସଂଗ୍ରହଣ ନୀତି ୨୦୨୪-୨୫ କୁ କ୍ୟାବିନେଟ ମୋହର ବାଜିଛି। ଚଳିତ ବର୍ଷ ୮୦ ଲକ୍ଷ ମେଟ୍ରିକ ଟନ୍ ଧାନ କିଣିବେ ସରକାର। ନଭେମ୍ବର ୨୦୨୪ ରୁ ମାର୍ଚ୍ଚ ୨୦୨୫ ଯାଏ ଖରିଫ୍ ଧାନ ସଂଗ୍ରହ କରାଯିବ। କେବଳ ପଞ୍ଜୀକୃତ ଚାଷୀ ଙ୍କ ଠାରୁ ସେମାନଙ୍କ ବଳକା ଧାନ କିଣାଯିବ। ସେହିପରି ଏହି ବୈଠକରେ ଓପିଏସସିର ଅଧକ୍ଷ ନିଯୁକ୍ତିକୁ ଅନୁମୋଦନ ଦିଆଯାଇଛ।

ଓଡ଼ିଶାରେ ଅଧିକ ମାର୍ଗରେ ବିମାନ ଚଳାଚଳ ପାଇଁ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ରାଜ୍ୟ ସରକାର ଏକ ନୂଆ ନୀତି ଆଣିଛନ୍ତି। ଏହି ନୀତି କାର୍ଯ୍ୟକାରୀ ହେଲେ ରାଜ୍ୟରେ ବିମାନ ସଂଯୋଗୀକରଣରେ ବ୍ୟାପକ ଉନ୍ନତି ଆସିବା ସହ ପର୍ଯ୍ୟଟନ ଓ ଆର୍ଥିକ ଅଭିବୃଦ୍ଧି ମଧ୍ୟ ସମ୍ଭବପର ହେବ।

ଏହି ନୂଆ ଏୟାର କନେକ୍ଟିଭିଟି ପଲିସି ଦ୍ୱାରା ବିମାନ ସଂସ୍ଥାଗୁଡ଼ିକୁ ସୁଲଭ ଆର୍ଥିକ ସହାୟତା ଯୋଗାଇବ। ଯାହା ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର(ଭୁବନେଶ୍ୱର) ସମେତ ଝାରସୁଗୁଡ଼ା,ଜୟପୁର, ରାଉରକେଲା ଓ ଉତକେଲା ଭଳି ବିମାନ ବନ୍ଦରରେ ନୂଆ ଘରୋଇ ଓ ଆନ୍ତର୍ଜାତିକ ବିମାନ ସେବା ଆରମ୍ଭ କରିବାକୁ ପ୍ରୋତ୍ସାହିତ କରିବ। ଏହି ନୀତି ଦ୍ୱାରା ବିମାନ ସଂସ୍ଥାଗୁଡ଼ିକ ନୂଆ ନିର୍ଦ୍ଧାରିତ ସେବା ଆରମ୍ଭ କରୁଥିବା ଯୋଗ୍ୟ ଗ୍ୟାପ୍ ଫଣ୍ଡି (ଭିଜିଏଫ) ପାଇବେ। ଏହାମଧ୍ୟରେ ଘରୋଇ ମାର୍ଗ ପାଇଁ ପ୍ରତି ରାଉଣ୍ଡ ଟ୍ରିପରେ ୫ଲକ୍ଷ ଟଙ୍କା ଓ ଆର୍ନ୍ତଜାତିକ ମାର୍ଗ ପାଇଁ ୧୦ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଛି। ଏହାସହିତ ୭୫୦କିମି ଅଧିକ ଦୂରତ୍ୱ ହେଲେ ଅତିରିକ୍ତ ପାଣ୍ଠିର ବ୍ୟବସ୍ଥା ରହିଛି। ଏହି ନୀତି ଦ୍ୱାରା ଓଡ଼ିଶାରେ ଅଧିକ ଅଂଚଳରେ ବିମାନ ଚଳାଚଳ ମାର୍ଗ ସୁନିଶ୍ଚିତି କରିହେବ।କେନ୍ଦ୍ର ସରକାରଙ୍କ ଜାତୀୟ ବେସାମରିକ ବିମାନ ଚଳାଚଳ ନୀତି-୨୦୧୬ ଓ ଉଡାଣ ଯୋଜନାର ଅନୁରୂପ ହୋଇଛି, ଯାହାକି ରାଜ୍ୟରେ ବିମାନ ସଂଯୋଗ ଓ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବ। ଏହି ନୀତି ଦ୍ୱାରା ରାଜ୍ୟରେ ବିଶେଷକରି ପଶ୍ଚିମ ଓଡ଼ିଶାରେ ବ୍ୟାପକ ଆର୍ଥିକ ଅଭିବୃଦ୍ଧି ହେବା ସହ ନିଯୁକ୍ତି, ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମ୍ଭବପର ହୋଇପାରିବ। ମୁଖ୍ୟ ସଚିବଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଏହି ଯୋଜନାର କାର୍ଯ୍ୟକାରିତା ସହ ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବ ବୋଲି ଜଣାପଡ଼ିଛି।



କ୍ୟାବିନେଟ୍ ବୈଠକ ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସୁଭଦ୍ରା ଯୋଜନାରେ ମୋଟ ୧କୋଟି ୨ଲକ୍ଷ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯାଇସାରିଛି। ବିଭିନ୍ନ କାରଣରୁ ୨ଲକ୍ଷ ୬୭ହଜାର ଆବେଦନ ଖାରଜ ହୋଇଯାଇଥିଲା। ଏହି

## ସ୍ୱାସ୍ଥ୍ୟ ପାଇଁ ଉପକାରୀ ଗରମ ମସଲା

ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ଗରମ ମସଲାର ବ୍ୟବହାର କରାଯାଇଥାଏ । ଏହା କେବଳ ଖାଦ୍ୟର ସ୍ୱାଦକୁ ବଢାଇନଥାଏ, ସ୍ୱାସ୍ଥ୍ୟକୁ ଲାଭ ମଧ୍ୟ ପହଞ୍ଚାଇଥାଏ । ୧୦ରୁ ଅଧିକ ମସଲା, ଯେପରିକି ଡାଲଚିନି, ତେଜପତ୍ର, ଲବଙ୍ଗ, ଗୁଜୁରାତି, ହଳଦୀ, ଜୀରା, ଧନିଆ, ଗୋଲମରିଚକୁ ଗ୍ରାଇଣ୍ଡିଂ କରି ମସଲା ପ୍ରସ୍ତୁତ କରାଯାଉଥିବାରୁ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି । ତେବେ ଆସନ୍ତୁ ଜାଣିବା,ଗରମ ମସଲା ଖାଇଲେ କେଉଁସବୁ ଲାଭ ମିଳିଥାଏ ।



୧- ଗରମ ମସଲା ଖାଇଲେ ପାଚନ କ୍ରିୟା ଠିକ୍ ରହିଥାଏ । ତେଣୁ କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

୨- ଏହାକୁ ଖାଇଲେ ଶରୀରରେ ୱେଟ୍ ବର୍ଣ୍ଡ ହୋଇଥାଏ । ଗବେଷଣା ଅନୁସାରେ ଏଥିରେ ଫାଇବର ଥିବାରୁ ଓଜନ ହ୍ରାସ ହୋଇଥାଏ ।

୩- ଯେଉଁମାନଙ୍କୁ ଭୋକ କମ୍ ହେଉଛି,ସେମାନେ ଗରମ ମସଲା ଖାଆନ୍ତୁ । ଏହାଦ୍ୱାରା ପେଟରେ ପାଚନ ରସ ବଢିଥାଏ । ଗରମ ମସଲାରେ ଲବଙ୍ଗ, ଜୀରା ରହିଥିବାରୁ ଏସିଡିଟି କମ୍ ହୋଇଥାଏ ।

୪- ଶରୀରରେ ମେଟା ବୋଲିଜିମ୍ ବଢିଲେ ଓଜନ କମ୍ ହେବ । କେବଳ ଏତିକି ନୁହେଁ, ମୋଟାବୋଲିଜିମ୍ ସୁସ୍ଥ ରହିଲେ,ଶରୀରକୁ ଶକ୍ତି ମିଳିଥାଏ । ଗରମ ମସଲାରେ ଗୋଲମରିଚ ମେଟାବୋଲିଜିମକୁ ସୁସ୍ଥ ରଖିଥାଏ ।


୫- ଗରମ ମସଲାରେ ଥିବା ଜୀରା ଏକ ଆଣ୍ଟି-ଡାଇବେଟିକ୍ ଏଜେଣ୍ଟ । ଏହା ଡାଇବେଟିସର ଲକ୍ଷଣକୁ କମ୍ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରିଥାଏ ।

୬- ଜୀରା, ଡାଲଚିନି ଓ ଗୋଲମରିଚରେ ଆଣ୍ଟି-ଅକ୍ସିଡାଣ୍ଟ ଓ ଆଣ୍ଟି-ଇନଫ୍ଲାମେଣ୍ଟାରୀ ଗୁଣ ରହିଛି । ତେଣୁ ଏହା ହାର୍ଟକୁ ସୁସ୍ଥ ରଖିଥାଏ । ମନେରଖନ୍ତୁ ଆବଶ୍ୟକତାଠାରୁ ଅଧିକ ଗରମ ମସଲା ଖାଇବା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ।

# ସୁନ୍ଦର ତ୍ୱକ୍ ଓ କେଶ ପାଇଁ

କମଳା ଖାଇବାକୁ ଯେପରି ସୁଆଦିଆ ଓ ସ୍ୱାସ୍ଥ୍ୟ ପାଇଁ ହିତକାରକ, ସେଭଳି ଏହାର ଚୋପାର ଫେସ ପ୍ୟାକ ମଧ୍ୟ ତ୍ୱଚା ପାଇଁ ଖୁବ ଉପକାରୀ ।

- ପ୍ରଥମେ କମଳାର ଚୋପାକୁ ଭଲ ଭାବେ ଖରାରେ ଶୁଖାଇ ଦିଅନ୍ତୁ । ଭଲ ଭାବେ ଶୁଖାଇବା ପରେ ଏହାକୁ ପେଷି ଦିଅନ୍ତୁ । ପେଷିବା ପରେ ଏହି କମଳା ଚୋପା ଗୁଣ୍ଡରେ ହଳଦୀ ଗୁଣ୍ଡ ମିଶାଇ ଭଲ ଭାବେ ମିଶାଇ ଦିଅନ୍ତୁ ।
- ଭଲ ଭାବେ ମିଶାଇବା ପରେ ଏଥିରେ ଗୋଲାପ ଜଳ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ।
- ଏହି ପେଷ୍ଟକୁ ମୁହଁରେ ଲଗାଇ କିଛି ସମୟ ରଖି ଦିଅନ୍ତୁ । ଶୁଖିବା ପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ ।
- ସପ୍ତାହକୁ ଥରେ ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରି ପାରିବେ ।



କେଶ ଝଡ଼ିବାକୁ ରୋକିବା ପାଇଁ: ପାନର ପତ୍ରକୁ ବ୍ୟବହାର କରି ଏହି ସମସ୍ୟାକୁ ଦୂର କରିହେବ । ଏଥିପାଇଁ ସର୍ବପ୍ରଥମେ ପାନ ପତ୍ରକୁ ପେଷି ଦିଅନ୍ତୁ । ଏହାପରେ ସେହି ପେଷ୍ଟରେ ରାଶି କିମ୍ବା ନଡ଼ିଆ ତେଲ ମିଶାଇ କେଶ ମୂଳରେ ଲଗାନ୍ତୁ । ଏକ ଘଣ୍ଟା ରଖିବା ପରେ ମୁଣ୍ଡ ସଫା କରି ଦିଅନ୍ତୁ ।

ପାନ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି । ଯାହା ମୁହଁର ଦାଗ ଦୂର କରିଥାଏ । ଗୋଟିଏ କିମ୍ବା ଦୁଇଟି ପାନ ପତ୍ରକୁ ଭିଜାଇ କିଛି ସମୟ ରଖନ୍ତୁ । ଏହାପରେ ଏହାକୁ ପେଷି ଦିଅନ୍ତୁ । ଏହି ପେଷ୍ଟରେ ହଳଦୀ ମିଶାନ୍ତୁ । ଏହାକୁ ମୁହଁରେ ଲଗାନ୍ତୁ ।

ଦିନକୁ ୨ଥର ଏହାକୁ ଲଗାଇଲେ ନିଜେ ଏହାର ଚମତ୍କାରିତା ଅନୁଭବ କରିବେ । ଗାଧୋଇବା ପୂର୍ବରୁ ପାନ ପତ୍ରରେ ପ୍ରସ୍ତୁତ ତେଲ ଲଗାନ୍ତୁ । ଏହାକୁ ଲଗାଇଲେ ଶରୀରର ଦୁର୍ଗନ୍ଧ ଦୂର ହୋଇଥାଏ ।

## ଘରେ ଲଗାନ୍ତୁ ୭ଟି ଦୌଡୁଥିବା ଧଳା ଘୋଡାର ଫଟୋ, ମିଳିବ ସଫଳତା



ଅନେକ ଥର, ବହୁତ ପରିଶ୍ରମ କରିବା ପରେ ମଧ୍ୟ ସଠିକ୍ ଫଳ ମିଳିନଥାଏ । ଏହା ପଛର କାରଣ ଘରର ବାସ୍ତୁ ଦୋଷ ହୋଇଥାଏ । ଏହି କାରଣରୁ, ସଫଳତା ଏବଂ ପ୍ରଗତିର ପଥରେ ବାଧା ଆସିବା ସହିତ ଘରେ ଚିନ୍ତା ବୃଦ୍ଧି ପାଇବାରେ ଲାଗିଥାଏ । କିନ୍ତୁ ଆପଣ ଏହାକୁ ଅତି ସରଳ ଉପାୟରେ ଠିକ୍ କରିପାରିବେ । ବାସ୍ତୁ ଶାସ୍ତ୍ରରେ ୭ ଅଙ୍କ ବିଶିଷ୍ଟ ଧଳା ଘୋଡାମାନଙ୍କର ବିଶେଷ ଗୁରୁତ୍ୱ ରହିଛି । ତେଣୁ, ଘରେ ସାତ ଅଙ୍କ ବିଶିଷ୍ଟ ଧଳା ଘୋଡାର ଫଟୋ ଲଗାଇବା ଦ୍ୱାରା, ବାସ୍ତୁ ତ୍ରୁଟି ଦୁର ହେବା ସହିତ ଜୀବନର ଅନେକ ସମସ୍ୟାରୁ ମୁକ୍ତି ପାଇପାରିବେ । ତେବେ ଆସନ୍ତୁ ଜାଣିବା ଏହା ବିଷୟରେ ବିସ୍ତୃତ ଭାବରେ

ବାସ୍ତୁରେ ୭ ଅଙ୍କର ମହତ୍ତ୍ୱ :ବାସ୍ତୁ ଶାସ୍ତ୍ରରେ ୭ ଅଙ୍କକୁ ବହୁତ ଗୁରୁତ୍ୱ ଦିଆଯାଇଥାଏ । ଏହାକୁ ଶୁଭର ପ୍ରତୀକ ଏବଂ ଫଳପ୍ରଦ ଭାବରେ ବିବେଚନା କରାଯାଏ । ଏଥି ସହିତ, ୭ ର ସଂଖ୍ୟା ମଧ୍ୟ ସପ୍ତ ଋଷି, ଇନ୍ଦ୍ର ଧନୁର ସାତୋଟି ରଙ୍ଗ, ସାତ ଘେରା ବୁଲିବା ଇତ୍ୟାଦି ସହିତ ଜଡିତ । ତେଣୁ ଏହାକୁ ବହୁତ ଶୁଭ ବୋଲି ବିବେଚନା କରାଯାଏ । ତେବେ ଚାଲନ୍ତୁ ଜାଣିବା ସାତଟି ଧଳା ଘୋଡାର ଫଟୋ ରଖିବାର ଫାଇଦା



ସଫଳତା ଏବଂ ପ୍ରଗତି ଆଣିଥାଏ : ବାସ୍ତୁ ଅନୁଯାୟୀ, ଦୌଡୁଥିବା ଘୋଡା ସଫଳତା, ଗତି ଏବଂ ଶକ୍ତିର ପ୍ରତୀକ ହୋଇଥାଏ । ତେଣୁ ଏହାର ଫଟୋକୁ ଘରେ ଲଗାଇବା ଦ୍ୱାରା ପ୍ରଗତି ଏବଂ ସଫଳତାର ପଥ ଖୋଲିଥାଏ । ଆହୁରି ମଧ୍ୟ, ଘରେ ସୁଖ, ସମୃଦ୍ଧତା ଏବଂ ଶାନ୍ତିର ବାସ ହୋଇଥାଏ ।

**କାର୍ଯ୍ୟ କ୍ଷେତ୍ରରେ ମିଳିବ ସଫଳତା :**
ଆପଣଙ୍କ କାର୍ଯ୍ୟ କ୍ଷେତ୍ରରେ ଦୌଡୁଥିବା ୭ ଟି ଧଳା ଘୋଡାର ଫଟୋ ରଖନ୍ତୁ । ଏହା ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିବ । ଯଦି ଆପଣ ଘରେ କାମ କରୁଛନ୍ତି, ତେବେ ଏହି ଫଟୋକୁ ଘରର ପୂର୍ବ କାନ୍ଥରେ ଲଗାନ୍ତୁ । ଅଫିସ୍ ଏବଂ ଦୋକାନର ଦକ୍ଷିଣ ଦିଗରେ ଏହି ଫଟୋ ରଖନ୍ତୁ ।

**ଆର୍ଥିକ ସମସ୍ୟା ହେବ ଦୁର :**
ଘରେ ଏପରି ସ୍ଥାନରେ ଦୌଡୁଥିବା ୭ଟି ଘୋଡାର ଫଟୋ ଲଗାନ୍ତୁ ଯେପରି ଏହା ସମସ୍ତଙ୍କୁ ଦେଖାଯାଉଥିବ । ଏହା ଦ୍ୱାରା ଆର୍ଥିକ ସମସ୍ୟା ଦୂର ହେବା ସହିତ ଘରେ ସୁଖ, ସମୃଦ୍ଧି ବୃଦ୍ଧି ହୋଇଥାଏ ।

## ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ । ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ । ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ । ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ



କାର୍ବୋହାଇଡ୍ରେଟ୍ ରହିଛି । ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ୍, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି । ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ । ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:
ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି । ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, ଏଲଡିଏଲ- କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ । ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

ମୋଟାପଣ କମ କରିଥାଏ:
ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ । ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ । ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ ।

ଗ୍ୟାସ ସମସ୍ୟାରୁ ମୁକ୍ତି:
ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ । ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ । ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:
ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ । ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:
ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ । ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

## କ୍ୟାନସର ହେବା ପୂର୍ବରୁ ଦେଖାଯାଏ ଏହି ଲକ୍ଷଣ

କ୍ୟାନସର ବା କର୍କଟ ହେଉଛି ଏକ ଅସାଧ ରୋଗ । ଏହି ରୋଗର ଶୀକାର ହେଲେ ବଞ୍ଚିବାର ଆଶା କମ୍ । ଆଜି ମଧ୍ୟ ଅନେକ ଲୋକ ଏଥିରେ ଶିକାର ହୋଇ ଚିକିତ୍ସିତ ହେଉଛନ୍ତି । ବ୍ରେନ୍, ସ୍ତନ କର୍କଟ, ରକ୍ତ କର୍କଟ ଓ ଚର୍ମ କର୍କଟ ଭଳି କ୍ୟାନସରର ଅନେକ ପ୍ରକାର ରହିଛି । ଏହି ରୋଗରୁ ମକ୍ତି ପାଇବା ପାଇଁ ଏବେ ସୁଦ୍ଧା କୌଣସି ଉପାୟ ବାହାରି ପାରି ନାହିଁ । କିନ୍ତୁ ଏହାର ପ୍ରାଥମିକ ଲକ୍ଷଣ ବାବଦରେ ଜାଣିପାରିବେ ଏହାକୁ କାବୁ କରାଯାଇ ପାରିବ । କର୍କଟ ରୋଗକୁ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଫେବୃଆରୀ ୪ ତାରିଖରୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଏ । ଆମେ ଆପଣଙ୍କୁ କହିବୁ କ୍ୟାନସରର ପ୍ରାଥମିକ ଲକ୍ଷଣ ବାବଦରେ ।



ଶ୍ୱାସକ୍ରିୟାରେ ଅସୁବିଧା ଓ ଅନିୟମିତତା: ଲଗାତର କାମ କଲେ କିମ୍ବା ଦଉଡିଲେ ଶ୍ୱାସକ୍ରିୟା ଓ ହୃତସ୍ପନ୍ଦନ ବୃଦ୍ଧି ପାଏ । କିନ୍ତୁ କିଛି ଲୋକ ବିନା କାରଣରେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥାନ୍ତି । ଏହା କ୍ୟାନସରର କାରଣ ହୋଇପାରେ । ଏପରି ସମସ୍ୟାର ସମ୍ମୁଖୀନ ହେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଭୋକ କମ୍ ଲାଗିବା କିମ୍ବା ଜମା ନଲାଗିବା: ପ୍ରାୟ ସମସ୍ତଙ୍କୁ ପାଚନ ଜନିତ ସମସ୍ୟା ହୋଇଥାଏ । ଏହା ଭୋକକୁ ପ୍ରଭାବିତ କରିଥାଏ । ପାଚନ ପ୍ରକ୍ରିୟା ଖରାପ ହେଲେ ଭୋକ ଲାଗିନଥାଏ । କିନ୍ତ ଯଦି ଏହି ସମସ୍ୟା ବହୁତ ଦିନ ଯାଏଁ ଲାଗି ରହେ ତେବେ ଏହା ବଡ ସମସ୍ୟାକୁ ସଙ୍କେତ ଦେଇଥାଏ । ଏହାକୁ ହେୟଜ୍ଞାନ ନକରି ଡାକ୍ତରଙ୍କୁ ଦେଖାଇବା ଉଚିତ । ଭୋକ କମ୍ ଲାଗିବା କ୍ୟାନସରର ପ୍ରାଥମିକ ଲକ୍ଷଣ ହୋଇପାରେ ।

ରକ୍ତସ୍ରାବ ବନ୍ଦ ନହେବା କିମ୍ବା ଲଗାତର ରକ୍ତ ବାହାରିବା: ମୁତ୍ର, କାଶିବା ସମୟରେ ରକ୍ତ ବାହାରିଲେ ଏହା କ୍ୟାନସର ହୋଇପାରେ । ଏପରି କୌଣସି ଅସୁବିଧା ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଅଧିକ ସମୟ ଧରି ଥଣ୍ଡା ଓ କାଶ ଲାଗି ରହିବା: ପାଣିପାଗରେ ପରିବର୍ତ୍ତନ ହେଲେ ଥଣ୍ଡା ଓ ଜ୍ୱର ଆଦି ହୋଇଥାଏ । କିନ୍ତୁ ଔଷଧ ଖାଇବା ପରେ ବି ଦି ୩-୪ ଦିନରେ ଏଙ୍ଗା ଭଲ ନହୁଏ ତେବେ ସତର୍କ ହେବା ଜରୁରୀ । ଅନେକ ଦିନ ଧରି ଥଣ୍ଡା, କାଶ ଲାଗି ରହିଲେ ଏହା କ୍ୟାନସରର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ । ବିଳମ୍ବ ନକରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଶୀଘ୍ର ଖଣ୍ଡିଆ ବା କ୍ଷତ ନଶୁଖିବା: ଶରୀରରେ ଆଘାତ ଲାଗିଲେ ବା କ୍ଷତ ହେଲେ ତାହା ୨-୩ ଦିନରେ ଭଲ ହୋଇଯାଏ । କିନ୍ତୁ ଅନେକ କ୍ଷତ ଶୁଖିବାକୁ ସମୟ ଲାଗେ । ଅନେକ ଲୋକ ଏହା ଉପରେ ଧ୍ୟାନ ଦିଅନ୍ତି ନାହିଁ । ଏହା କ୍ୟାନସରର ପ୍ରାରମ୍ଭିକ ଲକ୍ଷଣ ବୋଲି କୁହାଯାଏ । ଏହାକୁ ନଜର ଅନ୍ଦାଜ କରିବା ଠିକ୍ ନୁହେଁ ।

## ଜାଣନ୍ତୁ ବିବାହ ଆଉ ତାର ସ୍ୱାଗତ ପ୍ରଥା

ବିବାହରେ ସବୁଠୁ ଧୁମଧାମ୍ ଏବଂ ଅଧିକ ଖର୍ଚ୍ଚ କେବଳ ଭାରତରେ ହୋଇଥାଏ । ବିବାହରେ ବେଶୀ ଖର୍ଚ୍ଚ ପୋଷାକ, ସ୍ଥାନ ଏବଂ ଖାଦ୍ୟପେୟରେ ହୋଇଥାଏ । କିନ୍ତୁ ଆଜି ଆମେ ଜାଣିବା ଭିନ୍ନ ଭିନ୍ନ ସ୍ଥାନରେ ବିବାହର ଭିଉ ଭିଉ ପରମ୍ପରା ଏବଂ ପ୍ରଥା ସମ୍ପର୍କରେ ଯାହା ଆପଣ ବୋଧହୁଏ ଜାଣିନଥିବେ ।



୧.ନବ ଦମ୍ପତିଙ୍କ ମା ଦେଖନ୍ତି ନାହିଁ ବିବାହ: ବଙ୍ଗଳା ପରମ୍ପରା ଅନୁସାରେ ନବ ଦମ୍ପତିଙ୍କ ମାଆ ବିବାହ ଦେଖିନଥାନ୍ତି । କୁହାଯାଏ ଯେ ନବ ଦମ୍ପତିଙ୍କ ପାଇଁ ଏହା ଅଶୁଭ ହୋଇଥାଏ ।

୨.ମଣ୍ଡପରୁ ଦୌଡ଼ିବାର ନାଟକ କରିଥାନ୍ତି ବର : ତାମିଲ ବିବାହରେ ବର ସନ୍ୟାସୀ ହେବା ପାଇଁ ମଣ୍ଡପରୁ ଦୌଡ଼ିବାର ନାଟକ କରିଥାନ୍ତି ଏବଂ କନ୍ୟାର ପିତା ତାଙ୍କୁ ରୋକିବାକୁ ଉଦ୍ୟମ କରିଥାନ୍ତି ।

୩.ଜ୍ୱାଇଁର ନାକ ଚିମୁଟିଥାନ୍ତି ଶାଶୁ: ଗୁଜୁରାଟୀ ବାହାଘରରେ ବରର ଶାଶୁ ଆଳତୀ କରିବାପାଇଁ ଜ୍ୱାଇଁର ନାକ ଚିମୁଟି ସ୍ୱାଗତ କରିଥାନ୍ତି । ଏହି ପ୍ରଥାକୁ ପୋଙ୍କବୁ କହିଥାନ୍ତି ।

୪.ବରର ପୋଷାକ ଫାଡ଼ିଥାନ୍ତି ସାଙ୍ଗମାନେ: ସିନ୍ଧି ବାହାଘରରେ ବରର ସାଙ୍ଗ ଏବଂ ସମ୍ପର୍କୀୟ ବରର ପୋଷକ ଫାଡ଼ିଥାନ୍ତି । ଏହାର ତାତ୍ପର୍ଯ୍ୟ ପୁରୁଣା ଜୀବନର ଅନ୍ତ ଏବଂ ନୂଆ ଜୀବନର ଶୁଭାରମ୍ଭ ହେବାକୁ ବୁଝାଏ ।

୫. ଦାୟିତ୍ୱ ଶିଖିବାର ଅଦ୍ଭୁତ ପରମ୍ପରା: ବିହାରରେ ବିବାହରେ କନ୍ୟା ନିଜ ମୁଣ୍ଡ ଉପରେ ମାଟି ହାଣ୍ଡି ରଖିଥାନ୍ତି ଏବଂ ପାଦ ଛୁଇଁ ଗୁରୁଜନମାନଙ୍କର ଆର୍ଶୀବାଦ ନେଇଥାନ୍ତି । ଏହା ଅର୍ଥ ତାକୁ ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବାକୁ ପଡ଼ିବ ।

୬.ମନ୍ଦିରରୁ ପାଣି ନେଇଥାନ୍ତି କନ୍ୟାର ମାଆ: ପଞ୍ଜାବୀ ବିବାହରେ କନ୍ୟାର ମାଆ ପାଖରେ ଥିବା ମନ୍ଦିରରୁ ପାଣି ଆଣିଥାନ୍ତି । ଏହି ପାଣିରେ ଗାଧୋଇବା ପରେ କନ୍ୟା ବିବାହ ପୋଷାକ ପିନ୍ଧିଥାଏ ।

୭.ଟମାଟୋ ଫିଙ୍ଗି ହୋଇଥାଏ ବରଯାତ୍ରୀଙ୍କ ସ୍ୱାଗତ: ଉତ୍ତରପ୍ରଦେଶର ସରସୋଲରେ ବର ଏବଂ ବରଯାତ୍ରୀମାନଙ୍କର ସ୍ୱାଗତ ଟମାଟୋ ଫିଙ୍ଗି କରାଯାଇଥାଏ । କୁହାଯାଏ ଏହା ଦ୍ୱାରା ନୂଆ ସମ୍ପର୍କ ମଜବୁତ ହୋଇଥାଏ ।

୮. ବରର କାନ ଚିମୁଟିଥାଏ ଶଳା: ମରାଠୀ ବିବାହରେ କନ୍ୟାର ଭାଇ ଭିଣୋଇର କାନ ଚିମୁଟି ଭଉଣୀର ସାରା ଜୀବନ ଧ୍ୟାନ ରଖିବାକୁ ଚେତାବନୀ ଦେଇଥାଏ ।

୯.ଧଳା ପତକା ଧରି ଯାଆନ୍ତି ବରଯାତ୍ରୀ: କୁମାୟୁଁ ବିବାହରେ ଏପରି ପରମ୍ପରା ରହିଛି ଯେ ବରଯାତ୍ରୀ ଧଳା ପତକା ଧରି କନ୍ୟା ଘରକୁ ଯାଇଥାନ୍ତି । ବିଦାୟ ପରେ କନ୍ୟାର ନାଲି ପତକା ଆଗେ ଥାଏ ବରର ଧଳା ପତକା ପଛରେ ।

୧୦. ପୋଖରୀରେ ଛଡ଼ାଯାଏ ମାଛ: ମଣିପୁରୀ ବିବାହରେ ନବବିବାହିତ ଦମ୍ପତିଙ୍କ ପାଖରେ ଥିବା ପୋଖରୀରେ ମାଛ ଛଡ଼ାଯାଇଥାଏ । କୁହାଯାଏ ଏହା ଦ୍ୱାରା ଭବିଷ୍ୟତ ସୁଖଦାୟକ ହୋଇଥାଏ ।

# ପଡୋଶୀ ସହ ସମ୍ପର୍କ

ଆଫଗାନିସ୍ତାନ ଏକ ସଭ୍ୟ ରାଷ୍ଟ୍ର ହେବାକୁ ଯାଉଛି। କିନ୍ତୁ ଆତଙ୍କବାଦୀମାନେ ସବୁ ନଷ୍ଟ କରିଦେଲେ। ସେଠାରେ ଏବେ ଏକ ମୌଳବାଦୀ ସରକାର ପ୍ରତିଷ୍ଠା ହୋଇଛି। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ସମ୍ପର୍କ ସୁଦୃଢ଼ ହେଉଥିବା ବେଳେ ଏବେ ଏହା ପୁଣି ଭୁଶୁଡ଼ି ପଡ଼ିଛି। ସେଠାକାର ବିକାଶ ନିମନ୍ତେ ଭାରତ କୋଟି କୋଟି ଟଙ୍କା କର୍ଜ କରିଥିଲା। ସବୁ ପାଣିରେ ପଡ଼ିଲା। ଆଫଗାନିସ୍ତାନ ପରେ ପାକିସ୍ତାନରେ ମଧ୍ୟ ସରକାର ପରିବର୍ତ୍ତନ ହେଲା। ଇମ୍ରାନ ପ୍ରଥମେ ଅନାସ୍ଥା ଭୋଟରେ ହାରି କ୍ଷମତାଚ୍ୟୁତ ହେଲେ। ପରେ ନିର୍ବାଚନରେ ସେ ପରାଗଜିତ ହେଲେ। ଏବେ ସେ ଜେଲରେ। ଏବେ ଦେଶରେ ଏକ ମିଳିତ ସରକାର ଚାଲିଛି। କିନ୍ତୁ ତାହା ସେନା ନିୟନ୍ତ୍ରଣରେ ରହିଛି। ନେପାଳରେ ମଧ୍ୟ ପରିବର୍ତ୍ତନ ହୋଇଛି ଏବଂ ପ୍ରଚଣ୍ଡ ଆସ୍ଥା ଭୋଟରେ ପରାଜିତ ହେବା ପରେ କେ ପି ଓଲି ଶର୍ମା ହୋଇଛନ୍ତି ଦେଶର ନୂଆ ପ୍ରଧାନମନ୍ତ୍ରୀ। ସେ ଚୀନର ଅନୁଗତ ଭାବେ କାର୍ଯ୍ୟ କରୁଛନ୍ତି। ଅତୀତରେ ତାଙ୍କ ଶାସନ କାଳରେ ନେପାଳ ସହ ଭାରତର ସମ୍ପର୍କ ତିକ୍ତ ହୋଇଛି। ଏବେ ଏହାର ପୁନରାବୃତ୍ତି ଆଶଙ୍କା ରହିଛି। ଓଲି ଶର୍ମାଙ୍କ ପ୍ରତ୍ୟାବର୍ତ୍ତନ ଅର୍ଥ ନେପାଳ ପୁଣି ଥରେ ଚୀନ ନିୟନ୍ତ୍ରଣକୁ ଚାଲିଯିବା। ଏହା ଭାରତ ପାଇଁ ଏକ ପ୍ରକାର ସତର୍କ ଘଣ୍ଟି। ଗତ ତିନି ମାସ ଭିତରେ ସବୁଠାରୁ ବଡ଼ ପରିବର୍ତ୍ତନ ହୋଇଛି ବାଂଲାଦେଶରେ। ସଂରକ୍ଷଣ ପ୍ରସଙ୍ଗକୁ କେନ୍ଦ୍ର କରି ଦେଶର ଛାତ୍ର ଆନ୍ଦୋଳନ ଯୋଗୁ ଯେଉଁ ଅରାଜକତା ସୃଷ୍ଟି ହେଲା ତାହାକୁ ସମ୍ଭାଳିବାରେ ସରକାର ବିଫଳ ହେଲେ। ହିଂସାରେ ଅନେକ ନିରୀହ ବ୍ୟକ୍ତିଙ୍କର ଜୀବନ ଚାଲିଗଲା। ଜାତୀୟ ସମ୍ପତ୍ତି ନଷ୍ଟ ହେଲା। ଶେଷରେ ସେନାର ନିର୍ଦ୍ଦେଶକ୍ରମେ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଶେଖ ହାସନା ଦେଶଛାଡ଼ି ପଳାୟନ କଲେ। ଏବେ ସେ ଭାରତରେ ଆଶ୍ରୟ ନେଇଛନ୍ତି। ହାସିନାଙ୍କ ନୀତି ସର୍ବଦା ଭାରତ ସପକ୍ଷରେ ରହିଆସିଛି। ତାଙ୍କ ଶାସନ କାଳରେ ବାଂଲାଦେଶର ବିକାଶ ସହିତ ଭାରତ-ବାଂଲାଦେଶ ସମ୍ପର୍କ ସୁଦୃଢ଼ ହୋଇଥିଲା, ଅନେକ ଦ୍ୱିପାକ୍ଷିକ ବିବାଦର ସମାଧାନ ହୋଇଥିଲା। ଦେଶରେ ମୌଳବାଦ ଏବଂ ଆତଙ୍କବାଦକୁ ସେ କଦାପି ପ୍ରଶ୍ରୟ ଦେଇନଥିଲେ। ବାଂଲାଦେଶକୁ ଋଣ ଯନ୍ତାରେ ପକାଇବାକୁ ଚୀନ ଅନେକ ଉଦ୍ୟମ କରି ବିଫଳ ହୋଇଛି। ହାସିନାଙ୍କ ପଳାୟନ ପରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଦେଶରେ ଏକ ମଧ୍ୟବର୍ତ୍ତୀକାଳିନ ସରକାର ପ୍ରତିଷ୍ଠା ହୋଇଛି। କିନ୍ତୁ ଅସଲ କ୍ଷମତା ସେନା ହାତରେ ରହିଛି। ମହମ୍ମଦ ୟୁନୁସ ଜଣେ ଭାରତ ବିରୋଧୀ ବ୍ୟକ୍ତି ଭାବେ ଜଣାଶୁଣା। ସେ ଶାସନ କ୍ଷମତାକୁ ଆସିବା ପରେ ଭାରତ-ବାଂଲାଦେଶ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଛି। ବାଂଲାଦେଶରେ ଭାରତ ବିରୋଧୀ ଶକ୍ତି, ଆତଙ୍କୀ ସଙ୍ଗଠନ ଗୁଡ଼ିକ ସକ୍ରିୟ ହୋଇଛି। ସେଠାରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ବଢ଼ିଛି। କାରଣ ଭାରତ ପ୍ରତି ସେମାନେ ଅସହିଷ୍ଣୁ। ଭାରତର ବିକାଶକୁ ସେମାନେ ବରଦାସ୍ତ କରିପାରୁନାହାଁନ୍ତି। ଆଗାମୀ ଦେଢ଼ ବର୍ଷ ଭିତରେ ଦେଶରେ ନିର୍ବାଚନ ହେବ। କିନ୍ତୁ ହାସିନା ଦେଶକୁ ଫେରିବା ସମ୍ଭାବନା ଏବେ ଦେଖାଯାଉନି। ସେହିପରି ସାର୍କ ସଦସ୍ୟଭୁକ୍ତ ରାଷ୍ଟ୍ର ମାଲଦିଭସରେ ମହମ୍ମଦ ମୁଇଜ୍ଜୁ ଦେଶର ଶଶସନ ଭାର ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ଚୀନର ଏଜେଣ୍ଟ। ଶାସନ କ୍ଷମତାକୁ ଆସିବା ପରେ ସେ ଭାରତ ବିରୋଧୀ ମନ୍ତବ୍ୟ ଦେବା ଆରମ୍ଭ କରିଦେଲେ। ତାଙ୍କ ଶାସନ ଆରମ୍ଭ ହେବା ପରେ ମାଲଦିଭସ ସହ ଭାରତର ସମ୍ପର୍କ ତିକ୍ତ ହୋଇଛି।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ଜଙ୍ଗଲ ନିଆଁ

॥ ଅଲେଖ ଚନ୍ଦ୍ର ସାମଲ ॥

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ା କଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି।

ବନ୍ୟ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ ବେଆଇନ ଭାବେ ଚାଲାଣ କରିବା ଏବେ ବିଶ୍ୱର ଅନ୍ୟତମ ଲାଭଦାୟକ ବ୍ୟାପାର ପାଲଟିଛି। ସେ ହାତୀଦାନ୍ତ ହେଉ ବା ଗଣ୍ଡା ଶିଙ୍ଘ କିମ୍ବା ବାଘ ଶରୀରର ବିଭିନ୍ନ ଅଂଶ। ଚୋରା ଚାଲାଣକାରୀମାନେ ଏହାକୁ ବିକ୍ରି କରି ପ୍ରଚୁର ଅର୍ଥ ରୋଜଗାର କରୁଛନ୍ତି। ବିଶେଷ କରି ଏସିଆ ଏବଂ ଆଫ୍ରିକାରେ ଏହି ବ୍ୟବସାୟର ବଜାର ଖୁବ୍ ବ୍ୟାପକ। ଏପରିସ୍ଥଳେ ବିପଦରେ ଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨୦୧୩ ମସିହା ଡିସେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ସଭାରେ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରିବା ଲାଗି ଘୋଷଣା କରାଯାଇଥିଲା। ସେବେଠାରୁ ମାର୍ଚ୍ଚ ୩ ତାରିଖକୁ ବିଶ୍ୱ ବନ୍ୟପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଏହି ଦିନ ବିଲୁପ୍ତ ହୋଇଆସୁଥିବା ବନ୍ୟପ୍ରାଣୀଙ୍କ ସଂପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ବନ୍ୟପ୍ରାଣୀ ଅପରାଧ ବିରୋଧରେ ଲଢ଼ିବାକୁ ଲୋକମାନଙ୍କୁ ପ୍ରେରିତ କରାଯାଏ। ଏହି ଅବସରରେ ଜାତିସଂଘ, ବିଭିନ୍ନ ସଂଗଠନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ। ତେବେ ବନାଗ୍ନି ଫଳରେ ଯେଉଁ ଜୈବ ବିବିଧତା ନଷ୍ଟ ହେଉଛି ପରିଶେଷରେ ଅଙ୍ଗାରକାମ୍ଳ ଶୋଷଣର କ୍ଷମତା କମୁଛି, ମୃତ୍ତିକା କ୍ଷୟ ସାଙ୍ଗକୁ ମୃତ୍ତିକାର ଉର୍ବରତା ହ୍ରାସ ପାଉଛି, ତାହା ସବୁ ହିସାବକୁ ନେଲେ କ୍ଷତିର ପରିମାଣ ଯାହା ହେବ ତାହା ଅକଳ୍ପନୀୟ। କାରଣ ଏହାଦ୍ୱାରା ଜଳବାୟୁରେ ବିଭ୍ରାଟ ଦେଖାଦେବା ସାଙ୍ଗକୁ ପରିବେଶ ଅସୁରକ୍ଷିତ ହୋଇପଡୁଛି ଯାହାକୁ କୌଣସି ମୂଲ୍ୟରେ ତଉଲିବା ଅସମ୍ଭବ। ଫରେଷ୍ଟ ସର୍ଭେ ଇଣ୍ଡିଆର ରାଜ୍ୟୱାରି ଜଙ୍ଗଲ ନିଆଁ ସମ୍ବନ୍ଧରେ ପ୍ରଦତ୍ତ ତଥ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ କରାଯିବା ପ୍ରାସଙ୍ଗିକ ମନେ ହୁଏ।

୨୦୨୦ର ତଥ୍ୟ ଅନୁଯାୟୀ ଆମ ରାଜ୍ୟ ଓଡ଼ିଶାରେ ୪୭,୧୪୫ ବର୍ଗ କିଲୋମିଟର ଜଙ୍ଗଲ ରହିଛି। ଯାହାକି ସମଗ୍ର ଦେଶର ଜଙ୍ଗଲ ଅଞ୍ଚଳର ୭.୩୪ ପ୍ରତିଶତ। ତନ୍ମଧ୍ୟରୁ ୨୫୯୦ ବର୍ଗ କିଲୋମିଟର ଜଙ୍ଗଲ ବନାଗ୍ନିପ୍ରବଣ। ସେହିପରି ଆନ୍ଧ୍ରପ୍ରଦେଶରେ ୪୭,୨୫୬ ବର୍ଗକିଲୋମିଟର ଜଙ୍ଗଲ ମଧ୍ୟରୁ ୧୨୯ ବର୍ଗକିଲୋମିଟର, ଅରୁଣାଚଳ ପ୍ରଦେଶରେ ୬୮,୬୬୧ ବର୍ଗକିଲୋମିଟରରୁ ୧୦୧ ବର୍ଗକିଲୋମିଟର, ଛତିଶଗଡ଼ରେ ୫୭,୪୮୪ ବର୍ଗକିଲୋମିଟର ମଧ୍ୟରୁ ୧୨୧ ବର୍ଗକିଲୋମିଟର, ଝାଡ଼ଖଣ୍ଡରେ ୨୧,୭୪୩ ବର୍ଗକିଲୋମିଟରରୁ ୪୭୨ ବର୍ଗକିଲୋମିଟର, କର୍ଣ୍ଣାଟକରେ ୩୨,୩୪୩ ବର୍ଗକିଲୋମିଟରରୁ ୧୦୭ ବର୍ଗକିଲୋମିଟର, ମଧ୍ୟପ୍ରଦେଶରେ ୭୭,୯୧୨ ବର୍ଗକିଲୋମିଟରରୁ ୩୦୯୬ ବର୍ଗକିଲୋମିଟର, ମହାରାଷ୍ଟ୍ରରେ ୪୩,୮୫୯ ବର୍ଗକିଲୋମିଟରରୁ ୫୮୪ ବର୍ଗକିଲୋମିଟର ଓ ଉତ୍ତରାଞ୍ଚଳରେ ୨୩,୨୫୪ ବର୍ଗକିଲୋମିଟରରୁ ୪୪୯୨ ବର୍ଗକିଲୋମିଟର ଜଙ୍ଗଲ ନିଆଁ ଲାଗି କ୍ଷତିଗ୍ରସ୍ତ ହୋଇଥାଏ।

ଜଳବାୟୁର ଆର୍ଦ୍ରତା ଓ ପବନର ବେଗ ଉପରେ ପ୍ରାକୃତିକ ବନାଗ୍ନି ନିର୍ଭର କରିଥାଏ। ବାୟୁମଣ୍ଡଳରେ ଉତ୍ତାପର ମାତ୍ରାବୃଦ୍ଧି ଯଦିଓ ଜଙ୍ଗଲରେ ନିଆଁ ଲାଗିବାର ପ୍ରତ୍ୟକ୍ଷ କାରଣ ନୁହେଁ, ମାତ୍ର ଏହାଦ୍ୱାରା ଶୁଖିଯାଉଥିବା ଗଛବୃକ୍ଷ, ବୃଦ୍ଧି ପାଉଥିବା ପବନର ବେଗ ସାମାନ୍ୟ ନିଆଁକୁ ଜଙ୍ଗଲବ୍ୟାପୀ କରାଇ ଦେଇଥାଏ। ପବନର ଅଧିକ ଗତି ଓ ପାହାଡ଼ରୁ ଗଡ଼ି ଆସୁଥିବା ବଡ଼ ବଡ଼ ପଥର ପରସ୍ପର ସହିତ ଥକ୍କା ଲାଗି ନିଆଁ ସୃଷ୍ଟି କରିଥାନ୍ତି। ଏହା ସତ୍ୟ ଯେ, ଜଙ୍ଗଲ ମୁଲକରେ ସାଧାରଣତଃ ବସବାସ କରନ୍ତି ଆଦିବାସୀ। ସେମାନେ ନିଜର ଜୀବନଜୀବିକା ପାଇଁ ପୋଡୁଚାଷ ଉପରେ ନିର୍ଭର କରନ୍ତି। ଖରାଦିନ ଓ ଶୀତଦିନ ଆସିଲେ ସେମାନେ ଏଥିରେ ନିଆଁ ଲଗାଇ ଦେଇଥାଆନ୍ତି। ଦରପୋଡ଼ା ଗଛରୁ ସେମାନେ ଅଙ୍ଗାର ସଂଗ୍ରହ କରି ବଜାରରେ ବିକ୍ରି କରିଥାଆନ୍ତି। ଅଧିକ ପରିମାଣରେ ଅଙ୍ଗାର ସଂଗ୍ରହ ପାଇଁ ସେମାନେ ବିସ୍ତୀର୍ଣ୍ଣ ଜଙ୍ଗଲ ଅଞ୍ଚଳରେ ନିଆଁ ଲଗାଇ ଦେବା ଫଳରେ ଏହି ନିଆଁ ସାରା ଜଙ୍ଗଲକୁ ମାଡ଼ିଯାଇ ବ୍ୟାପକ କ୍ଷତି ଘଟାଇଥାଏ।

ପୁଣି ଜଙ୍ଗଲଜାତ ସାମଗ୍ରୀ ଯଥା ମହୁଲ, ଶାଳମଞ୍ଜି ଟୋଲ ଆଦି ସଂଗ୍ରହ ସକାଶେ ଏସବୁ ଗଛର ମୂଳ ସଫା ରଖିବା ପାଇଁ ଆଦିବାସୀମାନେ ତଳେ ଝରିପଡୁଥିବା ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଇଥାଆନ୍ତି। ଜୈବ ବିବିଧତା ନଷ୍ଟ ହେବା ସହ ବନ୍ୟଜନ୍ତୁ ଓ ବୃକ୍ଷଲତାଗୁଡ଼ିକର ବିଲୋପ ଘଟେ, ବନ୍ୟଜନ୍ତୁଙ୍କ ଆବାସସ୍ଥଳୀ ଉଜୁଡ଼ିଯାଏ। ସେମାନଙ୍କ ବଂଶ ବୃଦ୍ଧି ସୀମିତ ହୋଇଯାଏ। ଅନେକ ଜୀବଜନ୍ତୁଙ୍କର ପ୍ରାଣହାନୀ କାରଣରୁ ସେମାନଙ୍କ ସଂଖ୍ୟା ହ୍ରାସ ପାଏ। ଗଛ ଧ୍ୱଂସ ପାଉଥିବା ଯୋଗୁଁ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶ୍ଳେଷଣରେ ବ୍ୟାଘାତ ଘଟେ। ଫଳରେ ପରିବେଶରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଘଟେ। ଜଙ୍ଗଲ ସମ୍ପଦ ହ୍ରାସଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଏ। ଜଙ୍ଗଲ ଉପରେ ନିର୍ଭରଶୀଳ ବନବାସୀମାନଙ୍କର ଜୀବନଜୀବିକା ବିପନ୍ନ ହୁଏ। ଆବାସସ୍ଥଳୀ ଉଜୁଡ଼ିଯିବା କାରଣରୁ ଓ ଜଙ୍ଗଲରେ ମିଳୁଥିବା ଖାଦ୍ୟ ଦୁଷ୍ପ୍ରାପ୍ୟ ହେବାରୁ ବନ୍ୟଜନ୍ତୁମାନେ ଜନପଥକୁ ମାଡ଼ିଆସିବା ଫଳରେ ପଶୁ ମଣିଷ ବିବାଦ ବୃଦ୍ଧି ପାଏ।

ଓଡ଼ିଶାରେ ୧୯୮୮ ପ୍ରଣୀତ ଜାତୀୟ ଜଙ୍ଗଲ ନୀତିରେ ଜଙ୍ଗଲ ନିଆଁକୁ ରୋକିବା ସହ ଏହାକୁ ପରିଚାଳନା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସବିଶେଷ ମାର୍ଗଦର୍ଶିକା ରହିଛି। ସାମ୍ପ୍ରତିକ ସୂଚନା ପ୍ରଯୁକ୍ତିର ଜ୍ଞାନକୌଶଳ ଦ୍ୱାରା ଜଙ୍ଗଲ ନିଆଁ ଉପରେ ରୋଗ ଲଗାଇବା ସହ କେନ୍ଦ୍ର ସରକାର ୨୦୦୦ ମସିହାରେ ଏ ନେଇ କିଛି ନିୟମ ଜାରି କରିଛନ୍ତି। ସେହିପରି ଭାରତୀୟ ଜଙ୍ଗଲ ଆଇନରେ ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ଭାବେ କଡ଼ା କଡ଼ି ଉଲ୍ଲେଖ ରହିଛି। ଏଥିରେ ଜଙ୍ଗଲ ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କୁ ଜଙ୍ଗଲ ନିଆଁ ରୋକିବା ପାଇଁ ସାମିଲ କରିବାକୁ ବ୍ୟବସ୍ଥା ରହିଛି। ଜଙ୍ଗଲ ପୋଡ଼ି ରୋକିବାକୁ ଓଡ଼ିଶା ଜଙ୍ଗଲ ଅଧିନିୟମ ୧୯୭୯ ବିଶେଷ ଭାବେ ପ୍ରସ୍ତୁତ ହୋଇଛି। ଏଥିରେ ସଂରକ୍ଷିତ ଓ ଖୋଲା ଜଙ୍ଗଲରେ ନିଆଁ ଲଗାଇବାକୁ ସମ୍ପୂର୍ଣ୍ଣ ନିଷେଧ କରାଯିବା ସହ ଜଙ୍ଗଲ ପାଖରେ ନିଆଁର ବ୍ୟବହାର ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଓଡ଼ିଶା ଜଙ୍ଗଲ (ସଂଶୋଧନ) ଆଇନ ୨୦୦୧ର ୨୭ ଧାରାର ଉପଧାରା (କ)୧ରେ ଜଙ୍ଗଲରେ ନିଆଁ ଲଗାଇବା ଓ ଜଳନ୍ତା ନିଆଁକୁ ଛାଡ଼ି ଆସିବା ଭଳି କାର୍ଯ୍ୟ କଲେ ଜେଲ ଓ ଜରିମାନାର ବ୍ୟବସ୍ଥା ମଧ୍ୟ ରହିଛି। ଜଙ୍ଗଲରେ କୌଣସି କାରଣବଶତଃ ଅଗ୍ନି ଦେଖାଯିବା ମାତ୍ରେ ନିକଟସ୍ଥ ଗ୍ରାମଗୋଷ୍ଠୀକୁ ସୂଚୀତ କରାଇବା ଦ୍ୱାରା ସେମାନେ ନିଆଁ ଲିଭାଇବାକୁ ଉଦ୍ୟମ କରିବା, ଗ୍ରାମରେ ଆଇନ କରି ଜଙ୍ଗଲ ନିଆଁ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା, ଶିକାର, ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ଫସଲ ସୁରକ୍ଷା, ପୋଡୁଚାଷ ପାଇଁ ନିଆଁର ବ୍ୟବହାରକୁ ନିଷିଦ୍ଧ କରିବା ସକାଶେ କ୍ଷମତା ପ୍ରଦାନ କରାଯାଇଛି। ଜଣାଯାଇଛି ଯେ, ଓଡ଼ିଶାରେ ୨୦୦୫ ମସିହାରେ ଯେଉଁ ପରିମାଣରେ ଜଙ୍ଗଲ ପୋଡ଼ି ହୋଇଥିଲା ତାହା ସମଗ୍ର ଦେଶରେ ତୃତୀୟ ଏବଂ ଏହାର ପରିମାଣ ୫.୪୯ ପ୍ରତିଶତ।

ଆମ୍ଭେମାନେ ପ୍ରକୃତି ପ୍ରଦତ୍ତ ଜଙ୍ଗଲ ସମ୍ପଦ ନଷ୍ଟ କରୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରୁଛୁ। କେବଳ ଭାରତରେ ନୁହେଁ ଭୟାବହ ଜଙ୍ଗଲ ନିଆଁ, ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଅପୂରଣୀୟ କ୍ଷତି କରୁଛି। ବହୁ ବିଳମ୍ବରେ ହେଲେ ବି ଭାରତରେ ଅତ୍ୟାଧୁନିକ ବ୍ୟବସ୍ଥା ମାଧ୍ୟମରେ ଜଙ୍ଗଲ ନିଆଁକୁ ଆୟତ୍ତ କରିବାର ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି। ସେହିପରି ବନ୍ୟପ୍ରାଣୀ ମାନଙ୍କ ସୁରକ୍ଷା ପାଇଁ ସରକାର କଡ଼ାକଡ଼ି ଆଇନ କରିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଅନେକ ସାମାଜିକ ଅନୁଷ୍ଠାନମାନେ ନିୟମିତ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଜଙ୍ଗଲରେ କେଉଁଠି ନିଆଁ ଲାଗୁଛି ତାହା ଉପରେ ନଜର ରଖିବା ପାଇଁ ବିଦେଶୀ ରାଷ୍ଟ୍ରଗୁଡ଼ିକରେ ଜଙ୍ଗଲ ଭିତରେ ନିରୀକ୍ଷଣ ମଞ୍ଚ ପ୍ରସ୍ତୁତ କରାଯାଇ ଦୂରବିକ୍ଷଣ ଯନ୍ତ୍ର ସାହାଯ୍ୟ ନେଇ ନିୟମିତ ପହରାର ବ୍ୟବସ୍ଥା ହୋଇଛି।

ନିରୀକ୍ଷଣ ମଞ୍ଚରେ ଦିଗ ନିର୍ଣ୍ଣାୟକ ଯନ୍ତ୍ର ମଧ୍ୟ ଲଗାଯାଇଛି, ଯାହାଫଳରେ ଜଙ୍ଗଲ ଉପରେ ସଠିକ୍ ନଜର ରଖାଯାଇପାରୁଛି। ନିଆଁ ଲାଗିଥିବା ଜଙ୍ଗଲ ଉପରେ ବାଲିବର୍ଷା, ଫୋମ ଓ ଅଗ୍ନି ନିର୍ବାପନ ଗ୍ୟାସର ପ୍ରୟୋଗ, କୃତ୍ରିମ ବର୍ଷା ଆଦି କରାଇବାର ବ୍ୟବସ୍ଥା କରାଯାଇଛି। ମାତ୍ର ସେହି ତୁଳନାରେ ଆମ ଦେଶର କୌଣସି ଅତ୍ୟାଧୁନିକ ସାଧନର ବ୍ୟବସ୍ଥା ନାହିଁ। ଜଙ୍ଗଲ ହେଉଛି ଆମ ପ୍ରକୃତି ମାତାର ଅନବଦ୍ୟ ରୂପ। ଏହାକୁ ଭଲପାଇବା ଦ୍ୱାରା କେବଳ ପ୍ରକୃତି ନୁହେଁ ଆମେ ଆମ ନିଜ ଜୀବନକୁ ସୁନ୍ଦର ଓ ସାର୍ଥକ କରିପାରିବା।

ପୂର୍ବତନ ଡିଏଫଓ (କେନ୍ଦୁଲିଫ), ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ବୋତଲ ପାଣି କ'ଣ ଶତପ୍ରତିଶତ ଶୁଦ୍ଧ ?

॥ ଗୋପାଳ ମହାପାତ୍ର ॥

ଦେଶରେ ପାନୀୟ ଜଳର ଶୁଦ୍ଧତା ନାମରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି। ଏ ବାବଦରେ କେହି ଅସନ୍ତୋଷ ପ୍ରକାଶ କରୁନାହାଁନ୍ତି କିମ୍ବା ଏହାକୁ ଅପରାଧ ବୋଲି ମଧ କହୁନାହାଁନ୍ତି। ଏହା ଆଶ୍ଚର୍ଯ୍ୟର ବିଷୟ ନିଶ୍ଚୟ। ଶୁଦ୍ଧ ପାନୀୟ ଜଳ (ବୋତଲରେ ବିକ୍ରି ହେଉଥିବା ପାଣି) ର ବ୍ୟବସାୟ କରୁଥିବା ଲୋକେ ଭୂତଳ ଜଳକୁ ଛାଣି ବା ଫିଲଟର କରି ବୋଲତ ଏବଂ ଜାର୍‌ରେ ଭର୍ତ୍ତି କରିଦେଉଛନ୍ତି। ଫିଲ୍‌ଟର କରାଯାଉଥିବା ଏହି ପାଣିକୁ ହାଲୁକା ନୀଳ ରଙ୍ଗ କରିବା ପାଇଁ ସେଥିରେ କେମିକାଲ୍ ମିଶାଯାଉଛି। ଦେଶରେ ବୋତଲରେ ଭର୍ତ୍ତି ହୋଇ ବିକ୍ରି ହେଉଥିବା ପାଣି ନାମରେ ମନମାନି ଚାଲିଛି। ହଜାରରୁ ଅଧିକ କମ୍ପାନୀ ଦେଶରେ ଏହି ପାଣିର ବେପାର ଚଳାଇଛନ୍ତି। ପାଉଚ (ଜରି ପ୍ୟାକେଟ୍)ରେ ପାଣି ମଧ ବିକ୍ରି କରାଯାଉଅଛି। ଏହି ପାଉଚ୍ ପାଣି କମ୍ପାନୀର ସଂଖ୍ୟା କେତେ ସେ ବାବଦରେ କୌଣସି ସୂଚନା ପ୍ରଶାସନ ବା ସରକାରଙ୍କ ପାଖରେ ନାହିଁ। କୀଟାଣୁନାଶକ ବା ଅନ୍ୟ ଅର୍ଥରେ ଶୁଦ୍ଧ ବୋଲି କହି ଏହି ବୋତଲ ପାଣିର ବିକ୍ରି ଚାଲିଛି। ବୋତଲ ବା ପାଉଚରେ ବିକ୍ରି ହେଉଥିବା ପାଣି ସ୍ୱାସ୍ଥ୍ୟପାଇଁ ହିତକର ବୋଲି କୁହାଯାଉଥିଲେ ମଧ ଅନେକ ଅଧ୍ୟୟନରୁ ଜଣାପଡିଛି ଯେ, ଶୁଦ୍ଧ ବୋଲି କୁହାଯାଇ ବିକ୍ରି କରାଯାଉଥିବା ବୋତଲ ପାଣିର ଶୁଦ୍ଧତାର ମାତ୍ରା କମ୍।

ଔଦ୍ୟୋଗିକ ବର୍ଜ୍ୟବସ୍ତୁ ନଦୀରେ ମିଶିବା କାରଣରୁ ନଦୀର ଜଳ ପ୍ରଦୂଷିତ ହୋଇଥାଏ ଏବଂ ଭୂତଳ ଜଳ ମଧ ପ୍ରଦୂଷିତ ହୋଇଥାଏ। ଏହାର ସମାଧାନ କରାଯିବା ପରିବର୍ତ୍ତେ ଏହାକୁ ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରସାରିତ ହେବା କାରଣରୁ ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟପ୍ରତି ଚିନ୍ତା ବଢୁଛି। ଏହାର ଫାଇଦା ଉଠାଇ ବୋତଲ ପାଣି ବିକ୍ରି କରୁଥିବା କମ୍ପାନୀମାନେ ବିଜ୍ଞାପନ ମାଧ୍ୟମରେ ସୁସ୍ଥ ରହିବା ପାଇଁ ବୋତଲ୍ ପାଣି ପିଇବାର ଆବଶ୍ୟକତା ରହିଛି ବୋଲି ପ୍ରବର୍ତ୍ତାଉଛନ୍ତି। ପ୍ରଚାର ଓ ବିଜ୍ଞାପନ କାରଣରୁ ସାଧନ ସମ୍ପର୍ଣ୍ଣ ବ୍ୟକ୍ତିମାନେ ଏହି ବୋତଲ ପାଣିର ବ୍ୟବହାର କରୁଛନ୍ତି। ମଧ୍ୟମବର୍ଗର ଲୋକମାନେ ମଧ ଏହାକୁ ଆପଣେଇ ନେଲେଣି। ଏଣୁ ପାଣି ପାଇଁ ପାଣି ଭଳି ଅର୍ଥ ବ୍ୟୟ କରୁଛନ୍ତି ଏ ଦେଶର ଜନସାଧାରଣ। କିନ୍ତୁ ନା ଜନସାଧାରଣ, ନା ସରକାର ନଦୀଜଳ / ଜଳଉତ୍ସ ସବୁକୁ ସଫା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। କିନ୍ତୁ ଏହା ହେଲେ ସମସ୍ତଙ୍କୁ ଶୁଦ୍ଧ ପାନୀୟଜଳ ମିଳିପାରନ୍ତା। ନୈତିକ ଦାୟିତ୍ୱରୁ ସମସ୍ତେ ଦୂରେଇ ଯିବା କାରଣରୁ ଏହି ବୁନିଆଦି ଆବଶ୍ୟକତା ଏବେ ବଜାରବାଦ ହାତକୁ ଚାଲିଯାଇଛି। ନିଜେ ସରକାର ମଧ ରେଳ ନୀର, ୱାଟର ଏଟିଏମ୍ ଆଦି କରି ଏହି ବ୍ୟବସାୟକୁ ଓହ୍ଲାଇଛନ୍ତି। ଦେଶର ସମସ୍ତ ଜନତାଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା କଥା କହୁଥିବା ସରକାର ପାଣିର ବ୍ୟବସାୟ ମଧ କରୁଛନ୍ତି।



ନ୍ୟାଚୁରାଲ୍ ରିସୋର୍ସେସ୍ ଡିଫେନ୍ସ କାଉନ୍‌ସିଲ୍‌ର ଅଧ୍ୟୟନରୁ ଜଣାପଡିଛି ଯେ ବୋତଲ ପାଣି ଓ ସାଧାରଣ ପାଣି ପ୍ରାୟତଃ ସମାନ। ମିନେରାଲ୍ ୱାଟର ନାମରେ ବିକ୍ରି ହେଉଥିବା ବୋତଲ ପାଣି ପାଇଁ ବ୍ୟବହୃତ ହେଉଥିବା ବୋତଲର ପ୍ରସ୍ତୁତି ବେଳେ ଏକ ବିଶେଷ ରସାୟନ ପେଥଲେଟସ୍ ର ବ୍ୟବହାର କରାଯାଏ। ଏହି ରସାୟନ ବୋତଲକୁ ମୁଲାୟମ ରଖିବାରେ ସାହାଯ୍ୟ କରିଥାଏ। ଏହି ରସାୟନ ସୌନ୍ଦର୍ଯ୍ୟ ପ୍ରସାଧନ ଏବଂ ଖେଳଣା ନିର୍ମାଣ ପାଇଁ ମଧ ବ୍ୟବହାର କରାଯାଇଥାଏ। ସାଧାରଣ ତାପମାତ୍ରାଠାରୁ ଅଧିକ ତାପମାତ୍ରାରେ ଏହି ରସାୟନ ପାଣିରେ ମିଶିଯାଏ ଓ ଆମ ଶରୀରକୁ ଗଲେ ଅନେକ ପ୍ରକାର ଦୁଃଷ୍ପ୍ରଭାବ ଦେଖାଇଥାଏ। ଏଣ୍ଟିମନି ନାମକ ରସାୟନରୁ ପ୍ରସ୍ତୁତ ବୋତଲରେ ପାଣି ରଖାଗଲେ ପାଣି ଯେତିକି ପୁରୁଣା ହେବ ଏଣ୍ଟିମନିର ମାତ୍ରା ସେତିକି ବଢିବ। ଏଣୁ ଏହାର ବ୍ୟବହାର ଶରୀର ପାଇଁ କ୍ଷତିକାରକ। ଗୋଟିଏ କଥା ସତ୍ୟ ଯେ ମାଠିଆ ବା ସୁରେଇର ପାଣି ଠାରୁ ବୋତଲ ପାଣି ଉତ୍କୃଷ୍ଟ ନୁହେଁ। ବୋତଲ ପାଣିର ଆବଶ୍ୟକତା ଶୁଦ୍ଧତା ଏବଂ ସ୍ୱଛତା ପରିବର୍ତ୍ତେ ଫେସନ୍ ଏବଂ ଷ୍ଟାଟସ୍‌ର ସିମ୍ବଲରେ ପରିଣତ ହେବାରେ ଲାଗିଲାଣି। ବୋତଲ ପାଣିର ପ୍ରଥା କ୍ଷତିକାରକ। ପ୍ରତିଦିନ ଲକ୍ଷ ଲକ୍ଷ ବୋତଲ ବ୍ୟବହାର ପରେ ଫିଙ୍ଗି ଦିଆଯାଉଛି ଯାହା ପରିବେଶ ପାଇଁ ସଙ୍କଟ ସୃଷ୍ଟି କରୁଛି। କିନ୍ତୁ ଆମ ଦେଶର ସରକାର ଏ ଦିଗରେ ଆଖି ବୁଜିଦେଇଛନ୍ତି। ସେନ୍ ଫ୍ରାନ୍‌ସିସ୍କୋ ରେ ବୋତଲ ପାଣି ବିକ୍ରିକୁ ନିଷିଦ୍ଧ କରାଯାଇଛି। ସଲ୍ଟଲେକ୍ ସିଟିରେ ମଧ ଏହାର ବିକ୍ରି ନିଷିଦ୍ଧ। ପ୍ରକୃତ କଥା ହେଉଛି, ପ୍ରକୃତି ପ୍ରଦତ୍ତ ପାଣି ବା ଜଳ ଜୀବନ ପାଇଁ ଅତି ଆବଶ୍ୟକ। ଏହାର ବଜାରୀକରଣ ହେବା ଉଚିତ୍ ନୁହେଁ। ରେଳ ନୀର ବିକ୍ରି ପରିବର୍ତ୍ତେ ରେଳଷ୍ଟେସନ୍ ମାନଙ୍କରେ ଅଧିକ ସଂଖ୍ୟକ ଫିଲଟର ଲଗାଗଲେ ରେଳଯାତ୍ରୀ ଓ ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାଣି ମିଳିପାରନ୍ତା। ବୋତଲ ପାଣିର ବିକ୍ରି ବନ୍ଦ କରାଗଲେ ପ୍ଲାଷ୍ଟିକ୍ ଆବର୍ଜନା ମଧ କମିଯାଆନ୍ତା। କେନ୍ଦ୍ର ଓ ରାଜ୍ୟସରକାରମାନେ ଚାହିଁଲେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ପାରନ୍ତେ। ବିସଙ୍ଗତି ହେଉଛି ଲୋକେ ବୋତଲ ପାଣି କିଣିବା ପୂର୍ବରୁ ତାହାର ଶୁଦ୍ଧତା ବାବଦରେ ଜାଣିବାକୁ ଚାହୁଁନାହାଁନ୍ତି। ଖାଦ୍ୟ ପଦାର୍ଥର ମୂଲ୍ୟବୃଦ୍ଧିକୁ ନେଇ ଅନେକବେଳେ ଆନ୍ଦୋଳନ ହେଉଛି। କିନ୍ତୁ ବୋତଲ ପାଣିର ଶୁଦ୍ଧତା ଏବଂ ମୂଲ୍ୟକୁ ନେଇ ଆନ୍ଦୋଳନ ହେଉନି କାହିଁକି ? ପ୍ରକୃତରେ କ'ଣ ବୋତଲ ପାଣି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ? ଏହା କ'ଣ ଶତପ୍ରତିଷତ ଶୁଦ୍ଧ ?

ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...

॥ ପଙ୍କଜ କୁମାର ପାଣିଗ୍ରାହୀ ॥

ପୁନର୍ବାର ସେହି ଧନରାଶିକୁ ନିବେଶକ ଅନ୍ୟ ଏକ ଦିଗରେ ନିବେଶ କରିବା ଛଡା କୌଣସି ପ୍ରକାରେ ନିଜର ବ୍ୟବହାର ଉପଯୋଗୀ ଖର୍ଚ୍ଚ ନକରି ପୁନର୍ବାର ସେହି ନିବେଶ ଧାନକୁ କୌଣସି ପ୍ରକାରେ ଉପଭୋଗ ନକରି ଜୀବନ ଶେଷ କରୁଥିବା ଉଦାହରଣ ୯୦ ପ୍ରତିଶତରୁ ଅଧିକ ଦେଖିବାକୁ ମିଳିବ ଉପଯୁକ୍ତ ଅନୁଧାନ କଲେ। ସାଧାରଣ ମଣିଷ ଗୁଡିକ ବ୍ୟାପକ ପରିଶ୍ରମ କରି ହେଉ କିମ୍ବା ଅନୈତିକ ଉପାୟରେ ଅର୍ଜିତ ଧନର ନିଜକୁ ପ୍ରୟୋଜନ ନଥାଇ କେବଳ ସେହି ଚତୁର ବ୍ୟବସାୟୀଙ୍କୁ ପୋଷିବା ଛଡା କୌଣସି ମୂଲ୍ୟଯୁକ୍ତ ଅନୁଭବ କରିନଥାନ୍ତି। ତେଣୁ ଚତୁର ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଥାନ୍ତି ଯେ ଧନ ସଂଚୟ କଲେ ଭବିଷ୍ୟ ଉଜ୍ଜଳ ହେବ ଯାହା ଏକ ଅଲୌକିକ ବିଚାର ମଧ୍ୟରେ ଅସମାହିତ ଭାବେ ସମ୍ପୂର୍ଣ୍ଣ କରି ଶରୀର ତ୍ୟାଗ କରିଥାନ୍ତି ନିବେଶକ ସାଧାରଣ ମଣିଷ। ସେସବୁ ଏକ ସାମାଜିକ କୁହେଳିକା ବ୍ୟତୀତ ପ୍ରକୃତ ଧନ ଉପଭୋଗର କୌଣସି ନିଦର୍ଶନ ରଖିନଥାଏ ସାଧାରଣ ଲୋକଙ୍କ କ୍ଷେତ୍ରରେ।

ଅନୁରୂପ ଧର୍ମ ବୋଲି କହି ଯେଉଁ ଜଡ଼ବସ୍ତୁ ଗୁଡିକୁ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥାଏ ତାହା ଏକ ପିଲାଳିଆମୀ ଛଡା ଆଉ କିଛି ନୁହେଁ ! କାରଣ ଜୀବନ ବିହୀନ ଅଦୃଶ୍ୟ, ଅସ୍ପୃଶ୍ୟ କୌଣସି ଜଡ଼ ବସ୍ତୁଟିଏ ସମ୍ମୁଖରେ କେତେ ମୁଣ୍ଡ ପିଟି ପ୍ରାର୍ଥନା କଲେ ମଧ ଫଳ ପ୍ରାପ୍ତିର କୌଣସି ନିଦର୍ଶନ ରହିନଥାଏ ଯାହା ପ୍ରାକୃତିକ ନିୟମ ସାପେକ୍ଷ। କିନ୍ତୁ ସାଧାରଣ ଲୋକଙ୍କୁ ବିଭିନ୍ନ ଭୟାବହ ସନ୍ଦେଶ ଦେଇ ଚତୁର ଧର୍ମ ପ୍ରଚାରକ ଏବଂ ସେମାନଙ୍କ ସହଯୋଗୀ ମାନେ ପୂଜା ଆରାଧନା ନାମରେ ବ୍ୟାପକ ଧନ ଆହରଣ କରୁଥିବା ବେଳେ ସେମାନଙ୍କୁ ନିଜର ବଶୀଭୂତ କରି ରଖିବା ଉଦ୍ଦେଶ୍ୟରେ ଏହିଭଳି ଅଯୌକ୍ତିକ, ଅମାନବୀୟ ପ୍ରେରଣା ଦେଇଥାନ୍ତି ଯାହା ସାଧାରଣ ନିର୍ବୋଧ କିଛି ନବୁଝି କେବଳ ଭୟରେ ସେଗୁଡିକୁ ଗ୍ରହଣ କରି ଚାଲିଥିବା ଆମ ସମାଜର ବିଭୀଷିକା ଅତ୍ୟନ୍ତ ମର୍ମସ୍ପର୍ଶୀ। ନିର୍ଦ୍ଦିଷ୍ଟ ଭାବେ ଦେଖିବାକୁ ଗଲେ ଭାରତୀୟ ସନାତନ ଧର୍ମ ଏକ ବୈଜ୍ଞାନିକ ଚେତନାଶୀଳ ଶାସ୍ତ୍ର ଯେଉଁଥିରେ କୌଣସି ମୂର୍ତ୍ତି ପୂଜା କିମ୍ବା ଭଗବାନଙ୍କ ଉପସ୍ଥିତି ବିଷୟରେ ବର୍ଣ୍ଣିତ ହୋଇନାହିଁ ! ସନାତନ ଧର୍ମ କେବଳ ମଣିଷକୁ ମଣିଷ ଭଳି ଗଢି ତୋଳିବାର ପ୍ରୟାସ କରି ଏକ ମାନବୀୟ ସତ୍ୟ ଆଧାରିତ ପ୍ରେରଣା ଦେଇଛି ଯାହା ସାଧାରଣ ଲୋକଙ୍କୁ ଆଦୌ ଗୋଚର ନାହିଁ ! କାରଣ ଚତୁର ବ୍ୟପାରୀ ଧର୍ମ ଗୁରୁ, ପ୍ରଚାରକ ସେଗୁଡିକୁ କଦର୍ଥ କରି ତାହାର ବିପରୀତରେ ବିଭିନ୍ନ ମିଥ୍ୟା ସନ୍ଦେଶ ଦେଇ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ବିଭୀଷିକାର ଅନ୍ତ ନାହିଁ। ସେମାନଙ୍କ ସେହି ଅବୈଜ୍ଞାନିକ, ଅସତ୍ୟ ବାଚାଳ ପ୍ରେରଣାରେ ଅଭିଷିକ୍ତ ହୋଇ ସାଧାରଣ ନିର୍ବୋଧ ଜୀବନର ଅନେକ କିଛି ନଷ୍ଟ କରିବା ସହିତ ସାରା ଜୀବନ ସମାନଙ୍କ ଭୃତ୍ୟ ହୋଇ ଜୀବନ ଶେଷ କରୁଥିବା ଦୃଶ୍ୟ ଅତ୍ୟନ୍ତ ଦୁଃଖଦଃ ମର୍ମସ୍ପର୍ଶୀ ହୋଇଥାଏ ଆମ ଦେଶ କାହିଁକି ବରଂ ପ୍ରାୟତଃ ସବୁ ଧର୍ମ ସମ୍ପ୍ରଦାୟ ସବୁ ରାଷ୍ଟ୍ରରେ ବିଶ୍ୱ ବ୍ୟାପି !


ତେଣୁ ସାଧାରଣ ମଣିଷ ମାନେ ଏହି ପିଲାଳିଆମୀ, ବାଚାଳାମି ପରିତ୍ୟାଗ କରି ସତ୍ୟର ପଥ ଉନ୍ମୋଚନ, ଅନୁସରଣ କରିବା ନଶିଖିଲେ ଏମିତି ସବୁ କଥାର ବିପରୀତମୁଖୀ ପ୍ରେରଣା ଗୁଡିକୁ ନେଇ ଜୀବନ ସାରା ପ୍ରତାରଣାର ଶିକାର ହୋଇ ନିଜ ଜୀବନକୁ ବିଭ୍ରାନ୍ତିକର, ଦୁଃଖଦ ପରିବେଶ ମଧ୍ୟରେ ରଖି ଜୀବନ ଶେଷ କରିବାକୁ ପଡୁଥିବ ପିଢ଼ିକୁ ପିଢ଼ି। ସବୁ ବର୍ଗର ସାଧାରଣ ମଣିଷ ମାନେ କ୍ଷୁଦ୍ର ରାସ୍ତାରେ ଅଧିକ ଲାଭ ପାଇବା ଆଶା ଛାଡି ପ୍ରକୃତ ବାସ୍ତବ ପଥରେ ଅତିକ୍ରମ କରିବା ଶିକ୍ଷା ନକରିବା ପର୍ଯ୍ୟନ୍ତ ଏହି ଦୁଃସ୍ମୃତ କେଳେଙ୍କାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜକୁ ଏମିତି ଲୁଟୁଥିବେ ଏବଂ ସାଧାରଣ ଲୋକେ ସେମାନଙ୍କ ପ୍ରତାରଣାର ଶିକାର ହୋଇ ଚାଲିଥିବେ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି ବ୍ୟକ୍ତ କରିବେ ବୋଲି ଅନୁରୋଧ ପୂର୍ବକ ରହିଲି...

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.



ମହାଭାରତ
# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଶିକ୍ଷକଙ୍କ ଅନ୍ୟତ୍ର ବଦଳି ନେଇ ଧାରଣା




ସିମୁଳିଆ,(ନିପ୍ର): ବିଦ୍ୟାଳୟର ଶିକ୍ଷକ ଅଭାବ ଥିବାବେଳେ ଜୈନିକ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅବିଭାବକ ମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ବ୍ଲକ ଶିକ୍ଷାଅଧିକାରୀ ପକ୍ଷରୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ କାଞ୍ଚପଡା ପଞ୍ଚାୟତର ବେଗୁନିଆ ଗ୍ରାମରେ ଥିବା ଶ୍ରୀଧର ସରକାରୀ ଉପ୍ରା ବିଦ୍ୟାଳୟର ଶିକ୍ଷକ ନିତ୍ୟାନନ୍ଦ ଦଳେଇଙ୍କୁ କବିରପୁର ନୋଡ଼ାଲ ବିଦ୍ୟାଳୟକୁ ବଦଳି କରାଯାଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ଓ ଅଭିଭାବକ ମାନେ ଚଳିତ ମାସ ୧୦ତାରିଖରେ ବ୍ଲକ ଶିକ୍ଷାଅଧିକାରୀଙ୍କୁ ଉକ୍ତ ଶିକ୍ଷକଙ୍କୁ ବଦଳି ନ କରିବାକୁ ଏକ ଲିଖିତ ଅଭିଯୋଗ କରିଥିଲେ। ବଦଳି ପ୍ରତିବାଦରେ ଆଜି ବିଦ୍ୟାଳୟ ଫାଟକ ସମ୍ମୁଖରେ ଅଭିଭାବକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମାନେ ଧାରଣାରେ ବସିଥିଲେ। ପରେ ବ୍ଲକ ଶିକ୍ଷାଅଧିକାରୀ ପକ୍ଷରୁ ଅତିରିକ୍ତ ବ୍ଲକ ଶିକ୍ଷାଅଧିକାରୀ ଅଜୟ କୁମାର ପଣ୍ଡା ଓ ସି.ଆର.ସି.ସି ଗୌରାଙ୍ଗ ସୁତାର ଧାରଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଆଜି ଆସିଥିବା ଛାତ୍ରଛାତ୍ରୀ ମାନେ ସେମାନଙ୍କ ନିୟମିତ ଖାଉଥିବା ଖାଦ୍ୟ ରୋଷେଇ ହୋଇ ନ ଥିବା ଯୋଗୁଁ ନ ଖାଇ ଘରକୁ ଫେରିଥିଲେ।

## ସିଲିଦା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ, ପାୱାର ହିଟଲର ଚାମ୍ପିଅନ



ପାଟଣା,(ନିପ୍ର): ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ ସିଲିଦା ଆଦର୍ଶ ଗ୍ରାମରେ ସ୍ଥାନୀୟ ଖେଳ ପଡ଼ିଆରେ ପାୱାର ହିଟଲର ୟୁଥ କ୍ଲବ ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ପାୱାର ହିଟଲର ସିଲିଦା ଓ ଲକ୍ଷ୍ମୀପଶି ମଧ୍ୟରେ ଖେଳାଯାଇଥିଲା। ଏଥିରେ ପାୱାର ହିଟଲର ଦଳ ଚାମ୍ପିଅନ ହୋଇଛି। ପାୱାର ହିଟଲର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୪୧ ରନ୍ ସଂଗ୍ରହ କରିଥିଲା। ପରେ ଲକ୍ଷ୍ମୀପଶି ଦଳ ୮୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଅମ୍ପାୟାର ଭାବେ ଚିକୁ ବାରିକ ଓ ସୁର ବାରିକ ଖେଳ ପରିଚାଳନା କରିଥିଲେ। ଆକାଶ ପରିଡା, ବିକୁନ ସେଠୀ, ଓଡ଼ିଆରେ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ଡମ୍ବୁରୁ ଗାରଡ଼ିଆ ଓ ରତନ ଗାରଡ଼ିଆ ଯୋଗ ଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ମିଞ୍ଜା ଭିତିରିଆ, ନୁନୁ ଗାରଡ଼ିଆ,ଟୁକୁ ବାରିକ ଯୋଗଦେଇ ଚାମ୍ପିଅନ ଦଳକୁ ପୁରସ୍କୃତ କରିଥିଲେ।

## କୁଲତା ସମାଜ ପକ୍ଷରୁ ଓଏଏସ ପାଇଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ସମ୍ବଲପୁର,(ନିପ୍ର):** ସମ୍ବଲପୁର କୁଲତା ସମାଜ ପକ୍ଷରୁ ସ୍ଥାନୀୟ ସାକ୍ଷୀପଡ଼ା ନିବାସୀ ତଥା ଓଏଏସ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଥିବା ଛାତ୍ରୀ ରୋସନୀ ଖମାରୀଙ୍କୁ ସମ୍ବର୍ଦ୍ଧନା ରବିବାର ଦିଆଯାଇଛି। ସମ୍ବଲପୁର ଜିଲା କୁଲତା ସମାଜର ସଭାପତି କୃପାସିନ୍ଧୁ ଖମାରୀଙ୍କ ଝିଅ ରୋସନୀ ଖମାରୀ ଓଏଏସ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଛନ୍ତି। ଏଣୁ ଜିଲା କୁଲତା ସମାଜର ଏକ ପ୍ରତିନିଧି ମଣ୍ଡଳ ତାଙ୍କର ବାସଭବନକୁ ଯାଇ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରତିନିଧି ମଣ୍ଡଳରେ କୁଲତା ସମାଜର ସମ୍ପାଦକ ରଞ୍ଜନ ପାତ୍ର, ଦେବୀ ପ୍ରସାଦ ଭୋଇ, ଭବାନୀଶ ଭୋଇ, ପ୍ରେମାନନ୍ଦ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ବିଜେପିର ସଦସ୍ୟତା ଅଭିଯାନ କର୍ମଶାଳା



ସମ୍ବଲପୁର,(ନିପ୍ର): ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନର ସଭା ଗୃହରେ ଜିଲା ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ ପାଇଁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଜିଲା ବିଜେପି ସଭାପତି ଗିରିଶ ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ପୂର୍ବତନ ବିଧାୟକ ନାଉରୀ ନାଏକ, ରାଧେଶ୍ୟାମ ବାରିକ, ବିଷ୍ଣୁ ପ୍ରସାଦ ରକ୍ଷିତ, ଜିଲା ସାଧାରଣ ସମ୍ପାଦକ ଅନୀଲ କୁମାର ବେହେରା, ଜିଲା ସଦସ୍ୟତା ସଂଯୋଜକ ସୁଶୀଲ କୁମାର କର ଓ ମିଳନ ମହାରଣା ପ୍ରମୁଖ ମଞ୍ଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ଚାଲିଥିବା ସଦସ୍ୟତା ଅଭିଯାନର ସମୀକ୍ଷା କରାଯାଇଥିଲା। ଜିଲାସ୍ତରରୁ ନେଇ ମଣ୍ଡଳ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ସଦସ୍ୟତା ସହଯୋଗୀ ମାନେ ଉପସ୍ଥିତ ରହିଥିଲେ। ଦଳର ସଦସ୍ୟତା ସଂଗ୍ରହ ଅଭିଯାନ ପରିପ୍ରେକ୍ଷୀରେ କିଭଳି ରୂପେ ସମ୍ବଲପୁର ଜିଲାରେ ଉଦ୍ଦିଷ୍ଟ ଥିବା ଲକ୍ଷ୍ୟକୁ ପୁରଣ କରାଯାଇ ପାରିବ, ସେ ନେଇ ବିସ୍ତୃତ ଆଲୋଚନା କରାଯାଇ କାର୍ଯ୍ୟକର୍ତ୍ତା ମାନଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ମହିଳା ସଭାନେତ୍ରଙ୍କ ସମେତ ସୁନୀଲ ନନ୍ଦ, ଟୁକୁ ମହାନ୍ତି, ପ୍ରଦୀପ ବେହେରା, ଶିବ ନାରାୟଣ ସୋନି, ରବି ପଣ୍ଡା, କାର୍ତ୍ତିକ ବହିଦାର, ଓମ କୁମାର କର ପ୍ରମୁଖ ସକ୍ରିୟ ସହାୟତା କାର୍ଯ୍ୟକ୍ରମରେ କରିଥିଲେ।

# ବଟେଶ୍ୱର ପୀଠରେ ବାଲି ଯାତ୍ରା ପାଇଁ ପ୍ରସ୍ତୁତ ବୈଠକ



ଗଞ୍ଜାମ,(ନିପ୍ର): ଗଂଜାମ ବ୍ଲକ୍ ଅନ୍ତର୍ଗତ କଣ୍ଟିଆ ଗଡ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱର୍ ମନ୍ଦିରରେ କାର୍ତ୍ତିକ ପୁର୍ଣିମାରେ ବାଲି ଯାତ୍ରା ଓକାର୍ତ୍ତିକ ମାସ ସୋମବାର ଗୁଡିକରେ ଭକ୍ତ ପ୍ରବଳ ଭିଡ଼ ଦୃଷ୍ଟି ରୁ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁଙ୍କ ସଭାପତିତ୍ୱରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗଂଜାମ ବିଡ଼ିଓ ବସନ୍ତ କୁମାର ମଲ୍ଲିକ, ତହସିଲ ଦାର କୁଞ୍ଜ ବିହାରୀ ବଡ଼ ଜେନା, ହୁମା ଫାଣ୍ଡି ଏସ ଆଇ, ସରପଞ୍ଚ ପ୍ରତିନିଧି ବିଦ୍ୟାଧର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉପ ସଭାପତି ଶବର ତରାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମ୍ପାଦକ ରଞ୍ଜିତ କୁମାର ପଲାଇ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ତଥା କମିଟି ଉପଦେଷ୍ଟା ଦିଲୀପ ଛୋଟରାୟ, ଯାତ୍ରାର ଆଭିମୁଖ୍ୟ ଓ ସମସ୍ୟା ସମ୍ପର୍କରେ ପ୍ରଶାସନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିଥି ମାନେ ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳା ସହ ହୋଇପାରିବ ସେ ଉପରେ ସୁଚିନ୍ତିତ ନିଜର ମତାମତ ଦେଇଥିଲେ। ମୁଖ୍ୟତଃ ଭାବେ ଟ୍ରାଫିକ ବ୍ୟବସ୍ଥା ଠିକକରିବା,ସମୁଦ୍ର କୂଳରେ ଫାଇର ବିଭାଗ କର୍ମଚାରୀ ରହିବା, ଶୃଙ୍ଖଳିତ ଭାବେ ଭକ୍ତଙ୍କ ଠାକୁର ଦର୍ଶନ, ତଥା ଅନ୍ୟାନ ସମସ୍ୟା ପ୍ରତି ଦୃଷ୍ଟି ସହ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ଅଧିକାରୀ ମାନେ ମତ ଦେଇଥିଲେ। କୋଷାଧକ୍ଷ ନିରାକାର ଜେନା ପବିତ୍ର ସ୍ୱାଇଁ, ଧର୍ମରାଜ ସ୍ୱାଇଁ, ପୀତବାସ ବେହେରା ବୃନ୍ଦାବନ ପ୍ରଧାନ, କୃଷ୍ଣ ଚନ୍ଦ୍ର ସ୍ୱାଇଁ, ତ୍ରିନାଥ ରେଡି, ଯୁଧିଷ୍ଠିର ଏଲିଗା, ଟିକି, ଶିବ ରାମ ପଲାଇ, ସଞ୍ଜୟ ତରାଇ, କିଶୋର ପ୍ରଧାନ, ରବୀନ୍ଦ୍ର ପଲେଇ, ଆର କୃଷ୍ଣ ଚନ୍ଦ୍ର ରେଡି, ଶିବରାମ ରେଡି, ଭୀମ ସାହୁ, ପ୍ରଦୀପ ଜେନାଙ୍କ ସମେତ ପ୍ରମୁଖ ସମେତ ଏଥିରେ ଛଅ ଖଣ୍ଡ ଗ୍ରାମବାସୀ ତଥା କଣ୍ଟିଆଗଡ, ନିଳାଦ୍ରିପୁର, ଖଟୁଆ କୁଦା, ପୋଡମ ପେଟା, ମୟୂର ପଦା, ଗୋଖର କୁଦା ଗ୍ରାମବାସୀ ମାନେ ଉପସ୍ଥିତ ରହି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥଲେ।

## ଜୋଟ କାର୍ଯ୍ୟକ୍ରମ ଆୟୋଜିତ



ସମ୍ବଲପୁର,(ନିପ୍ର): ସ୍ଥାନୀୟ ବୁଢ଼ାରଜା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଓଡ଼ିଶା ସାମୟିକ କଳା ଓ କ୍ରୀଡା ଶିକ୍ଷକ ଏକତା ମଞ୍ଚର ଏକ ମହାମିଶ୍ରଣ ପର୍ବ 'ଜୋଟ' ଆୟୋଜିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ରାଜ୍ୟର ୩୦ଟି ଜିଲାର ପ୍ରାୟ ୫ ଶହ ଜଣ ସାମୟିକ କଳା ଓ କ୍ରୀଡା ଶିକ୍ଷକ ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୦୧୩ ମସିହାରୁ ବିଦ୍ୟାଳୟ ମାନଙ୍କରେ ସ୍ୱଳ୍ପ ବେତନରେ କାର୍ଯ୍ୟରତ ଏହି ଶିକ୍ଷକ ମାନଙ୍କ ପ୍ରତି ସରକାରଙ୍କ ଉଦାସୀନତା ଏବଂ ଅବହେଳା ମନୋଭାବକୁ କିପରି ଭାବରେ ସରକାର ସକରାତ୍ମକ ମନୋବୃତ୍ତି ସହିତ ବିଚାର କରି ଏହି ଶିକ୍ଷକ ମାନଙ୍କର ଭବିଷ୍ୟତକୁ ସୁଦୃଢ଼ କରିବା ସହିତ ଏହାର ସ୍ଥାୟୀତ୍ୱ ପ୍ରତି କିଭଳି ଯତ୍ନବାନ ହେବେ, ତାହା ଉପରେ ପୁଙ୍ଖାନୁପୁଙ୍ଖ ରୂପେ ସମସ୍ତ ଜିଲାରୁ ଆସିଥିବା ପ୍ରତିନିଧି ମାନେ ଆଲୋଚନା କରି ନିଜର ମନ୍ତବ୍ୟ ଉପସ୍ଥାପନା କରିଥିଲେ। ସେ ସମୟରେ ସରକାରଙ୍କ ପକ୍ଷରୁ ସ୍ଥାୟୀ ଚାକିରି ପ୍ରସଙ୍ଗରେ ଲଲିପପ ଦେବା ଭଳି କାର୍ଯ୍ୟ କରି କଳା ଓ କ୍ରୀଡା ଶିକ୍ଷକଙ୍କ ଏକତାକୁ ଭାଗଭାଗ କରି ଭାଙ୍ଗି ଦିଆଯାଇଥିବା ବେଳେ କୌଣସି ଦାବି ପୂରଣ କରାଯାଇ ନାହିଁ। ଏଣୁ ସମସ୍ତ ଦାବି ଗୁଡିକୁ ପୂରଣ ପାଇଁ ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କର ଏକ ମିଳିତ ଦସ୍ତଖତ ଥିବା ଦାବିପତ୍ର ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ ପାଇଁ ସ୍ଥିରୀକୃତ କରାଯାଇଛି। ବରିଷ୍ଠ ସାମୟିକ କଳା ଶିକ୍ଷକ ପ୍ରମୋଦ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ରୁଦ୍ର ଦାଶ ସଭାପତିତ୍ୱ କରିଥିଲେ। କୃଷ୍ଣ ସୁଦାମ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଦିଲୀପ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଏଭି ଜୋନାଲ ସ୍ତରୀୟ କରାଟେ ପ୍ରତିଯୋଗିତା : କଳାହାଣ୍ଡିକୁ ୫ ସ୍ୱର୍ଣ୍ଣ




ଲାଞ୍ଜିଗଡ଼,(ନିପ୍ର): ଓଡ଼ିଶାର ଝାରସୁଗୁଡା ଡିଏଭି ପବ୍ଲିକ ସ୍କୁଲଠାରେ ରବିବାର ଦିନ ଜୋନାଲ ସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୮ ଗୋଟି ଡିଏଭି ସ୍କୁଲର ୧୯୮ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଡିଏଭି ଜୋନାଲ ସ୍ତରୀୟ କରାଟେ ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଆନ୍ତର୍ଜାତିୟ ବିଦ୍ୟାଳୟର ୭ ଜଣ କରାଟେ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଏଥିମଧ୍ୟରୁ ବିଭିନ୍ନ ବର୍ଗରେ ୫ ଟି ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରି ଜିଲ୍ଲା ତଥା ସ୍କୁଲ ପାଇଁ ଗୌରବ ଆଣିଥିବା ବେଳେ ଏହି ପ୍ରତିଯୋଗିମାନେ ଡିଏଭି ଜାତୀୟ କରାଟେ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ବାଳକ ବିଭାଗର ୧୪ ବର୍ଷରୁ କମ୍ ୩୦ ରୁ ୩୫ କେଜି ବର୍ଗରେ ଛାତ୍ର ପୁଷ୍ପେନ୍ଦୁ ବିଶ୍ୱାଳ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ ଥିବା ବେଳେ ସୌନକ ସମଦର୍ଶୀ ସାହୁ ୫୦ରୁ ୫୫ କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ୪୦ରୁ ୪୫ କେଜି ବର୍ଗରେ ହିତେସ କୁମାର ମହାଖୁଡ଼ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଗଙ୍ଗାଧର ମଲ୍ଲିକ ୫୦ରୁ ୫୫ କେଜି ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ୫୦ରୁ ୫୫ କେଜି ବର୍ଗରେ କିରନ୍ ବେମାଲ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ବାଳିକା ବିଭାଗର ୧୭ବର୍ଷରୁ କମ୍ ୫୦ରୁ ୫୫ କେଜି ବର୍ଗରେ ଅର୍ପିତା ବାଡ଼ତିଆ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।


## ଜାତୀୟସ୍ତରୀୟ ଖୋଖୋ ପ୍ରତିଯୋଗିତା : ଓଡ଼ିଶା ଚାମ୍ପିଅନ



କଣ୍ଟାବାଞ୍ଜି,(ନିପ୍ର): କଣ୍ଟାବାଞ୍ଜି ରେଳବାଇ ଖେଳପଡିଆଠାରେ ଗତ ଦୁଇ ଦିନ ଧରି ଚାଲିଥିବା ଜାତୀୟ ସ୍ତରୀୟ ୭ ବ୍ଲକ ଖୋଖୋ ପ୍ରତଯୋଗିତାରେ ଗୁଜରାଟକୁ ହରାଇ ଓଡ଼ିଶା ଚାମ୍ପିଅନ ହୋଇଛି। ଉଦଯାପନୀ ଉତ୍ସବରେ ଓଡିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଂଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ତୁରେକେଲା ସରପଂଚ ସଂଘ ସଭାପତି ଜଳନ୍ଧର ମହାକୁଡ, କାର୍ଯ୍ୟକାରୀ ସଭାପତି ସନ୍ତୋଷ ଅଗ୍ରୱାଲ, ମୁଖ୍ୟ ସଂଯୋଜକ ସୁଭେନ୍ଦ୍ର ମହାନ୍ତି, ସାଧାରଣ ସମ୍ପାଦକ ଚିନ୍ମୟ ଯୋଶୀ, ଓଡିଶା ୭ବ୍ଲକ ଖୋଖୋ ସଂଘ ସାଧାରଣ ସଂପାଦକ ସନ୍ତୋଷ ପାଲ, ଜାତୀୟ ୭ବ୍ଲକ ଖୋଖୋ ସଂଘ ସାଧାରଣ ସଂପାଦକ ବିଜୟାନନ୍ଦ ମହାପାତ୍ର ପ୍ରମୁଖ ମଂଚାସୀନ ରହିଥିଲେ । ଆଜିର ଫାଇନାଲ ଖେଳ ପୁରୁଷ ଗୁଜରାଟ ଏବଂ ଓଡିଶା ମଧ୍ୟରେ ହୋଇଥିବା ବେଳେ ଓଡିଶା ଦଳ ଏଥିରେ ବିଜୟ ହାସଲ କରି ଚାମ୍ପିଅନ ହୋଇଛି । ସେହିପିର ମହିଳା ଓଡିଶା(ୱେଷ୍ଟ) ଏବଂ ଓଡିଶା (ସି) ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଓଡିଶା ( ୱେଷ୍ଟ) ଫାଇନାଲରେ ବିଜୟ ହାସଲ କରିଛି। ତେବେ ମୁଖ୍ୟ ଅତିଥି ଶ୍ରୀ ମହାଲିଙ୍ଗଙ୍କ ଦ୍ୱାରା ଦୁଇ ଦଳକୁ ଟ୍ରଫି ସହ ମାନ ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ତେବେ ବଲାଙ୍ଗୀର ଜିଲ୍ଲାର କଂଟାବାଞ୍ଜି ଭଳି ସ୍ଥାନରେ ଏଭଳି ଖେଳ ଆୟୋଜିତ ହୋଇଥିବାରୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ କ୍ରୀଡ଼ା ଭିତ୍ତିଭୂମି ଉପରେ ନଜର ଦିଆଯିବ ଏବଂ ଏଭଳି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ୭ବ୍ଲକ ଖୋଖୋ ଖେଳ ପରିଚାଳନାରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ପାଟଣା ରେଞ୍ଜରେ ହାତୀପଲଙ୍କ ଉପଦ୍ରବ

**ପାଟଣା,(ନିପ୍ର) :** ପାଟଣା ରେଞ୍ଜରେ ୨୯ ଟିକିଆ ହାତୀପଲଙ୍କ ଉପଦ୍ରବ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ଜାରି ରହିଛି। ବିଳମ୍ବିତ ରାତିରେ ହାତୀପଲ ଡିମିରିଡିହା ଗାଁ ନିକଟ ତୁଳସୀପୁରରେ ଥିବା ବିବେକାନନ୍ଦ ଦାଶଙ୍କ ଫାର୍ମ ହାଉସରେ ପଶି ବ୍ୟାପକ ନଷ୍ଟ କରିଛନ୍ତି। ହାତୀପଲ ଫାର୍ମ ହାଉସର ଗେଟ ଭାଙ୍ଗିବା ସହ ଫାର୍ମ ଭିତରେ ପଶି ଫାର୍ମରେ ଥିବା ବଡ଼ ବଡ଼ ନଡ଼ିଆ ଗଛ, କଦଳୀ ଗଛ ଓ ପଣସ ଗଛ ସମେତ ଅନେକ ମୂଲ୍ୟବାନ ଔଷଧୀୟ ଗଛ, ପନିପରିବା ଆଦି ନଷ୍ଟ କରିଦେଇଛନ୍ତି। ଫାର୍ମ ଭିତରେ ଥିବା ପୋଖରୀରେ ହାତୀ ଗାଧୋଇବା ଓ ଖେଳିବା ଫଳରେ ମାଛ ମଧ୍ୟ ମରିଯାଇଛନ୍ତି। ତେବେ ଏହି ହାତୀପଲ ଗତକାଲି ଚୋରା ମହୁଲି ବେପାରୀ ମହୁଲ ପୋଚ ଜଙ୍ଗଲ ନିକଟରେ ଲୁଚାଇ ରଖିଥିବାବେଳେ ପୋଚ ଖାଇ ମାତାଲ ଅବସ୍ଥାରେ ଅନେକ ଲୋକଙ୍କୁ ଗୋଡାଇ ଥିବା ସୂଚନା ମିଳିଛି। ରାତିସାରା ଉତ୍ପାତ କରିଥିବା ହାତୀପଲ ରବିବାର ସନ୍ଧ୍ୟା ସୁଦ୍ଧା ଡିମିରିଡିହା ଗାଁ ନିକଟ ଜଙ୍ଗଲରେ ଘୁରି ବୁଲୁଛନ୍ତି। ଗାଁ ନିକଟରେ ହାତୀପଲ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଉପରେ ନଜର ରଖିଥିବା ବନପାଳ ପିଅନ ନାଏକ କହିଛନ୍ତି।



## 'ଓଡ଼ିଶାର ଐତିହ୍ୟ, କଳା , ସଂସ୍କୃତି, ପରମ୍ପରା ଅନନ୍ୟ'

ପଦ୍ମପୁର:ପୁଣେ ଠାରେ ରହୁଥିବା ପ୍ରବାସୀ ଓଡିଆଙ୍କ ଦ୍ୱାରା ଆୟୋଜନ ହେଇଥିଲା "କୁମାର ଉତ୍ସବ ୨୦୨୪" । ଏହି ବିଶାଳ ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚାଳନା କରୁଥିଲେ "ଓଡ଼ିଆ ସାଂସ୍କୃତିକ ପରିଷଦ"। ବିଗତ ୪ ବର୍ଷ ଧରି ଆୟୋଜିତ ହୋଇ ଆସୁଥିବା ଏଇ ଉତ୍ସବରେ ହଜାରେ ରୁ ଅଧିକ ଉପସ୍ଥିତ ଓଡ଼ିଆ ଜନତାଙ୍କୁ ଆକର୍ଷିତ କରିଥିଲା। ଏହି କାର୍ଯ୍ୟକ୍ରମଟି ପୁଣେର ଓଗଲି ସୋୟାରୀକା ଗାର୍ଡେନରେ ଆୟୋଜନ କୁମାର ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏହି ଉତ୍ସବରେ ଯୋଗ ଦେଇଥିଲେ ଓଡିଶାର ପୂର୍ବତନ ଗୃହ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତ ବେହେରା ଏବଂ ଅନ୍ୟମାନଙ୍କ ମଧ୍ୟରେ ରାମଦାସ ଦାବାଡେ ସମ୍ମାନିତ ଅତିଥିଭାବରେ ଉପସ୍ଥିତ ଥିଲେ, ଭୁବନେଶ୍ୱର ମେୟର ସୁଲୋଚାନା ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଓଡ଼ିଆ ଐତିହ୍ୟ, କଳା , ସଂସ୍କୃତି, ପରମ୍ପରା ଅନନ୍ୟ ବୋଲି କହିବା ସହିତ ପୁନେରେ ଏଭଳି ଆୟୋଜନ ପାଇଁ ସାଧୁବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱୀପପ୍ରଜ୍ୱଳନ ଏବଂ ଜଗନ୍ନାଥଙ୍କୁ ପୁଷ୍ପାର୍ପଣ ସହ ଆରମ୍ଭ ହୋଇଥିଲା। ପ୍ରଖ୍ୟାତ ଓଡିଆ ହାସ୍ୟ ଅଭିନେତା ରାଜୁ ଦାସ, ଲୋକପ୍ରିୟ ଓଡ଼ିଆ ଗାୟକ କୁମାର ଜାନୁ ଓ ପ୍ରଗତି ସେଠୀ ଏବଂ ଅମୃତା ପଟ୍ଟନାୟକଙ୍କ ସୁନ୍ଦର ନୃତ୍ୟ ପରିବେଷଣ ଦ୍ୱାରା ଦର୍ଶକ ମାନେ ମନମୁଗ୍ଧ ହୋଇଥିଲେ। କଳାକାର ମାନେ ଓଡିଆ ସଂସ୍କୃତିର ସ୍ପନ୍ଦନ ପ୍ରଦର୍ଶନ କରି ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲେ । ଏହି ଅବସରରେ ପୁଣେରେ ଥିବା କିଛି କଳାକାର ମାନଙ୍କୁ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ "ଓଡ଼ିଆ ସାଂସ୍କୃତିକ ପରିଷଦ" ଦ୍ୱାରା ସମ୍ମାନିତ କରାଯାଇଥିଲା। ରାଜଶ୍ରୀ ହୋତା– ହିନ୍ଦୁସ୍ତାନୀ ଭୋକାଲ୍ ଗାୟକ , ପ୍ରାଚୀ ପାଣିଗ୍ରାହୀ– ଓଡିଆ ଲୋକନୃତ୍ୟ ଏବଂ ଆଦିବାସୀ ନୃତ୍ୟ ପ୍ରସାରକ, ପ୍ରଗତି ସେଠି ଶାସ୍ତ୍ରୀୟ ସଙ୍ଗୀତ ଓ ଓଡ଼ିଆ ଭଜନ ଗାୟକ , ପ୍ରଜ୍ୟୋତି ଆଦ୍ୟାଶା ଦାସ, ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଓଡ଼ିଶୀ ନୃତ୍ୟ ଶିଳ୍ପୀ ପ୍ରମୁଖଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣଥିଲା ପାରମ୍ପରିକ ଓଡିଆ ସୁଆଦିଆ ବ୍ୟଞ୍ଜନ ଏବଂ ଆକର୍ଷଣୀୟ ସାଂସ୍କୃତିକ ସନ୍ଧ୍ୟା। ଓଡ଼ିଆ ସାଂସ୍କୃତିକ ପରିଷଦ" ର କାର୍ଯ୍ୟନିର୍ବାହୀ ସଦସ୍ୟ ସୁସ୍ମିତା ମହାପାତ୍ର, ମୋନାଲିସା ରଥ, ସୁସଂଜିତା ରାୟ, ସସ୍ମିତା ପଟ୍ଟନାୟକ, ଜୟପ୍ରଦା ବିଶ୍ୱାଳ, ପ୍ରଜ୍ଞା ଦାସ, ସ୍ୱାଗତିକା ଦ୍ୱିବେଦୀ, ରମାକାନ୍ତ ସାହୁ, ଚନ୍ଦ୍ରଭାନୁ କାନୁନଗୋ, ଦେବବ୍ରତ ପାତ୍ର, ବିରାଜ ମିଶ୍ର, ପ୍ରଶାନ୍ତ ମିଶ୍ର, ପ୍ରଶାନ୍ତ ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର, ଲୋକନାଥ ସାହୁ, ଅଶୋକ ଲେଙ୍କା, ବିନତାନନ୍ଦନ ନାୟକ, ଏବଂ ସୁଶୀଲଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳତା କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଏହି କାର୍ଯ୍ୟକ୍ରମ ଉପସ୍ଥିତ ଓଡ଼ିଆ ବାସୀଙ୍କୁ ମନମୁଗ୍ଧ କରିବା ସହ ଏକ ଭାବ ଡୋରିରେ ବାନ୍ଧି ରଖିବାର ସକ୍ଷମ ହୋଇଥିଲା।

# ଆନ୍ତର୍ଜାତୀୟ ବାଳିକା ଦିବସରେ ବାଲ୍ୟବିବାହ ଉପରେ ଗୁରୁତ୍ୱ



ନୂଆଗାଁ ୨୩।୧୦(ମହାଭାରତ): ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସଦଭାବନା ଗୃହରେ ସମନ୍ୱିତ ଶିଶୁ ବିକାଶ ,ନୂଆଗାଁ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ନୂଆଗାଁ ବ୍ଲକ୍ ସି ଡି ପି ଓ ଶୁଭ୍ରକେଶୀ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ନୂଆଗାଁ ଗ୍ରାମ ପଞ୍ଚାୟତ ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳୀ ସାସମଲ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ସ୍ୱର୍ଣ୍ଣ ସାରିକା ଜେନା, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ସେଠୀ, ଓଡ଼ିଆ ଅଧ୍ୟାପକ ବିଜୟ କୁମାର ସାହୁ, ଅଙ୍ଗନାଡି ସୁପର ଭାଇଜର ସଞ୍ଜୁଲତା କଅଁର ପ୍ରମୁଖ ଯୋଗଦେଇ ଆଜିର ସମାଜରେ ଚାଲିଥିବା ବାଲ୍ୟବିବାହକୁ କିପରି ରୋକାଯାଇ ପାରିବ। ବେଟି ବଚାଓ ବେଟି ପଢ଼ାଓ,କନ୍ୟାଭ୍ରୁଣ ହତ୍ୟା, ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ବାଳିକା ମାନେ କିପରି ଆଗ୍ରହ ପ୍ରକାଶ କରିବେ। ବାଳିକା ମାନେ କିପରି ଅଧିକ ଶିକ୍ଷିତ ହେଲେ ଦେଶ ଅଗ୍ରଗତି କରିବ ସେ ଉପରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ସମେତ ନୂଆଗାଁଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଉପସ୍ଥିତ ଥିଲେ।


# ଅବମାନନା କରୁଛନ୍ତି ଘରୋଇ ଶିକ୍ଷାନୁଷ୍ଠାନ

ଖୋର୍ଦ୍ଧା, ୨୩।୧୦(ମହାଭାରତ): ବାତ୍ୟା ଦାନା ର ଭୟାବହତାକୁ ଉପଲବ୍ଧି କରି ଧନଜୀବନ ହାନି ହେବା ଆଶଙ୍କାରେ ରାଜ୍ୟ ସରକାର ଉପକୂଳ ବର୍ତ୍ତି ସମସ୍ତ ୧୪ଟି ଯାକ ଜିଲ୍ଲା ଉପରେ ବିଶେଷ ଧ୍ୟାନ ରଖିଥିା ଉକ୍ତ ଜିଲ୍ଲାର ସମସ୍ତ ସ୍କୁଲ କଲେଜକୁ ଅକ୍ଟୋବର ୨୩ ତାରିଖରୁ ନେଇ ୨୫ତାରିଖ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ସ୍କୁଲକୁ ଛାତ୍ରଛାତ୍ରୀ ଆସିବା ଉପରେ ବାରଣ କରାଯାଇଛି ଏବଂ ଏ ବାବଦରେ ଖୋର୍ଦ୍ଧା ଜିଲ୍ଲାପାଳ ରିଭ୍ୟୁ ମିଟିଂ ମାଧ୍ୟମରେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ମଧ ଦେଇଛନ୍ତି। ହେଲେ



କିନ୍ତୁ ଖୋର୍ଦ୍ଧା ବରୁଣେଇ ପାଦଦେଶରେ ଥିବା ନାଇଡୁ କନସେପ୍ଟ ସ୍କୁଲ୍ ନାମକ ଏକ ଘରୋଇ ଶିକ୍ଷାନୁଷ୍ଠାନ ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ସ୍କୁଲରେ ଶିକ୍ଷାଦାନ ଚାଲୁ ରଖିଥିବା ଜଣାପଡିଛି। ତେବେ କେଉଁ କାରଣରୁ ସ୍କୁଲ ଖୋଲାଯାଇ ଶିକ୍ଷାଦାନ ଚାଲିଛି ବୋଲି ଗଣମାଧ୍ୟମ ପ୍ରତିନିଧି ଅବଗତ ହେବାକୁ ଚାହିଁଥିବା ବେଳେ ସ୍କୁଲ୍ କର୍ତ୍ତୃପକ୍ଷ କ୍ୟାମେରା ଦେଖି ଲୁଚିଥିବା ବେଳେ ଶିକ୍ଷାଲାଭ କରିବାକୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କୁ ସକାଳ ସମୟରେ ସ୍କୁଲ ବସରେ ଆଣିଥିବା ବେଳେ ସ୍କୁଲ୍ ଛୁଟି ସମୟରେ ନିଜ ସ୍କୁଲବସ ପରିବର୍ତ୍ତେ କିଛି ପ୍ରାଇଭେଟ୍ ବୋଲେରୋ ଗାଡ଼ିରେ ଘରକୁ ପଠାଇଥିବା ଦେଖିବାକୁ ମିଳିଛି ଏ ସମ୍ପର୍କରେ ଆମ ପ୍ରତିନିଧି ଜଣେ ସ୍କୁଲ କର୍ମଚାରୀଙ୍କ ମତାମତ ନେବାରେ କୌଣସି ସନ୍ତୋଷ ଜନକ ଉତ୍ତର ନଦେଇ ବିଭ୍ରାନ୍ତିକର କଥା କହି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ। ତେବେ ଏ ସମ୍ପର୍କରେ ଆମ ପ୍ରତିନିଧି ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇବାରେ। ଅଭିଯୋଗ ଆସିଲେ ଉକ୍ତ ସ୍କୁଲ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଭୟ କହିଛନ୍ତି। ତେବେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରି ଏ ଭଳି ବାତ୍ୟାର ପ୍ରକୋପ ମଧ୍ୟରେ ସ୍କୁଲ କର୍ତ୍ତୃପକ୍ଷ ଶିକ୍ଷାଦାନ ଜାରି ରଖିବା ସମୟରେ ଯଦି କିଛି ଦୁର୍ଘଟଣା ଘଟେ ଏବଂ କୌଣସି ଛାତ୍ରଛାତ୍ରୀ କିମ୍ବା କୌଣସି ସ୍କୁଲ୍ କର୍ମଚାରୀଙ୍କ ଯଦି କିଛି କ୍ଷତି ଘଟେ, ତେବେ ଏଥିପାଇଁ ଦାୟୀ ରହିବ କିଏ, ଯାହାକି ଅଭିବାବକଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି।

# ବାତ୍ୟା ମୁକାବିଲା ପାଇଁ ବ୍ଲକସ୍ତରୀୟ ପ୍ରସ୍ତୁତି ବୈଠକ



ଆସିକା, ୨୩।୧୦(ମହାଭାରତ): ବଙ୍ଗୋପସାଗର ରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ର ମୁକାବିଲା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସିକା ବ୍ଲକ ସଭା ଗୃହଠାରେ ଏନେଇ ଏକ ପ୍ରସ୍ତୁତି ବୈଠକ ବିଡ଼ିଓ ଫକୀର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ସମସ୍ତ କର୍ମୀ ଉପସ୍ଥିତ ରହି ବାତ୍ୟା ପୂର୍ବ ଓ ପରବର୍ତ୍ତୀ ସମୟରେ କିଭଳି ପରିଚାଳନା କରାଯିବ ସେନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଙ୍କୁ ଅବଗତ କରାଇଥିଲେ। ଜିରୋ କାଜୁଆଲିଟି ଉପରେ ବ୍ଲକ ପ୍ରଶାସନ ଗୁରୁ ଦେଇଛି ।ବାତ୍ୟା ପୁର୍ବରୁ କଚ୍ଚା ଘରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ, ନିକଟସ୍ଥ ବିଦ୍ୟାଳୟ ସମେତ ସରକାରୀ କୋଠା ଭଳି ସୁରକ୍ଷିତକୁ ସ୍ଥାନାନ୍ତର କରାଯିବ। ବର୍ତ୍ତମାନ ଖରିଫ୍ ଧାନ ପାଚିବା ସମୟ ହୋଇଥିବାରୁ ପାଚିଯାଇଥିବା ଧାନ ଅମଳ କରି ସୁରକ୍ଷିତ ସ୍ଥାନକୁ ଆଣି ରଖିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ସେହିଭଳି ବିଦ୍ୟୁତ, ସ୍ୱାସ୍ଥ୍ୟ, ପାନୀୟ ଜଳ ବିଭାଗ ପକ୍ଷରୁ ମଧ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରସୁତି ମହିଳା ଙ୍କୁ ବାତ୍ୟା ପୁର୍ବରୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କୁ ସ୍ଥାନାନ୍ତର କରାଯିବା ନେଇ ନିଷ୍ପତ୍ତି ହୋଇଛି। ବାତ୍ୟା ସମୟ ରେ ଅତ୍ୟାବଶ୍ୟକ ସାମଗ୍ରୀର କଳା ବଜାରି ଯେପରି ନହୁଏ। ସେଦିଗରେ ଯୋଗାଣ ଅଧିକାରୀ ଦୃଷ୍ଟି ଦେବା ସହ ଆଶ୍ରୟସ୍ଥଳୀ ଗୁଡିକରେ ରେ ପ୍ରଚୁର ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପରବର୍ତ୍ତୀ ସମୟ ରେ ଯୁଦ୍ଧ କାଳିନ ଭିତିରେ ବିଦ୍ୟୁତ ଯୋଗାଣ,ପାନୀୟ ଜଳ ବ୍ୟବସ୍ଥା, ପଡି ଥିବା ଗଛ କାଟି ରାସ୍ତା ସଫା କରାଯିବା ଦିଗରେ ଯତ୍ନବାନ ହେବାକୁ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି ।

# ଜିଲ୍ଲାଭିତ୍ତିକ ନିଯୁକ୍ତି ଜୋର ଧରିଲା



ନବରଙ୍ଗପୁର, ୨୩।୧୦(ମହାଭାରତ): ନବରଙ୍ଗପୁର ଜିଲ୍ଲା ଛତିଶଗଡ଼ ସୀମାନ୍ତ ବର୍ତ୍ତୀ ରାଇଘର ବିଦ୍ୟାଳୟ ଗୁଡିକରେ ମଧ ଜିଲ୍ଲାଭିତ୍ତିକ ନିଯୁକ୍ତି ଜୋର ଧରିଛି। ଯୋଉ ଅଞ୍ଚଳ ରେ ଗଣଶିକ୍ଷା ମନ୍ତୀ ନିତ୍ୟାନନ୍ଦ ଗଣ୍ଡଙ୍କ ଘର ସେହି ଅଞ୍ଚଳ ରେ ଜିଲ୍ଲାଭିତ୍ତିକ ନିଯୁକ୍ତି ତେଜିବା ରେ ଲାଗିଛି। ଚିତ୍ତରକଟ ଗଣଶିକ୍ଷା ମନ୍ତ୍ରୀଙ୍କ ଘର ସେହି ବିଦ୍ୟାଳୟ ଗୁଡିକରେ ମଧ ପ୍ରଥମରୁ ଅଷ୍ଟମ ଛାତ୍ରଛାତ୍ରୀମାନଙ୍କୁ ଅବିଭାବକ ମାନେ ବିଦ୍ୟାଳୟକୁ ଛାଡୁନାହାନ୍ତି। କିନ୍ତୁ ସାଧାରଣ ରେ ଚର୍ଚ୍ଚା ହେଉଛି। ଗଣଶିକ୍ଷା ମନ୍ତ୍ରୀ ନିରବଦ୍ରଷ୍ଟା ସାଜିଛି ଯେତେବେଳେ ବିରଧି ଦଳ ରେ ଥିଲେ ସେତେବେଳେ ଜିଲ୍ଲାଭିତ୍ତିକ ନିଯୁକ୍ତି କୁ ବିଧାନସଭା ରେ ଉଠାଉ ଥିଲେ। କିନ୍ତୁ ବର୍ତ୍ତମାନ ନିରବଦ୍ରଷ୍ଟା ସାଜିରହିଛି ନିଜ ସ୍ୱାର୍ଥହାସଲ ପାଇଁ ଜିଲ୍ଲାଭିତ୍ତିକ ନିଯୁକ୍ତିକୁ ମୁଖ୍ୟ ମୁଦା ଉଠାଇ ଶିକ୍ଷିତ ଯୁବକ ଯୁବତୀଙ୍କୁ ଭକୁଆ କରୁଛନ୍ତି ବୋଲି ଜନସାଧାରଣ ରେ ଚର୍ଚ୍ଚା ର ବିଷୟ ପାଲିଟିଛି।

# ମାନଝରି ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା



ଗୋଲାମୁଣ୍ଡା, ୨୩।୧୦(ମହାଭାରତ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ବୈଠକ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଯାଇଛି। ମାନଝରି ସରପଞ୍ଚ ଜଗୁଜିବନ ଅଗ୍ରିଆଙ୍କ ସଭାପତିତ୍ୱ କ୍ରମେ ଏହି ବୈଠକ ଟି ଅନୁଷ୍ଠିତ ହୋଇଥିଲା। ଏହି ଗ୍ରାମସଭାରେ ମୁଖ୍ୟତଃ ଗ୍ରାମପଞ୍ଚାୟତର ବିକାଶ ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ବିଭିନ୍ନ ବିକାଶ ଯୋଜନା ସ୍ଥାନ ପାଇଥିଲା। ତତ ସହିତ ଗତ ଶନିବାର ଦିନ କାଳବୈଶାଖୀ ପ୍ରଭାବରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ମଧ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା। ଏହି ସଭାରେ ନାଏବ ସରପଞ୍ଚ ଭାନୁମତୀ ସୁନାନି , ପି ଇ ଓ ନବୀନ ମାଝୀ, ଜିଆରଏସ ଅରୁଣ ଦୁର୍ଗା, ପ୍ରଧାନଶିକ୍ଷକ ଅନାଦି ରାଉତ, ଯୋଗାଣ ସହାୟକ, ଜି. ପି. ଏଲ. ଏଫ. ସଭାପତି ବେଲମତି ମହାନନ୍ଦ, ଅଙ୍ଗନୱାଡ଼ି କର୍ମୀ, ୱାର୍ଡ ସଭ୍ୟ/ସଭ୍ୟା, ଏସିଏମଇସି ମେମ୍ବର, ସି.ଆର.ପି ତଥା ଜନସାଧାରଣ ଉପସ୍ଥିତ ଥିଲେ। ମାନଝରି ଏକ ଦାଦନ ପ୍ରବଣ ପଞ୍ଚାୟତ ହୋଇଥିବାରୁ ଏହି ଯୋଜନା ଶୀଘ୍ର କାର୍ଯ୍ୟକ୍ଷମ ହେଲେ ପଞ୍ଚାୟତବାସୀ ଉପକୃତ ହେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# କଟକଣା ବିହୀନ ଭାରିଯାନ ଚଳାଚଳ : ଦୁର୍ଦ୍ଦିନରେ ପଥଚାରୀଙ୍କ ଜୀବନ

## ବିଦ୍ୟାର୍ଥୀ ଓ ରୋଗୀ ହେଲେ ହନ୍ତସନ୍ତ



କଣିହାଁ ୨୩।୧୦ (ମହାଭାରତ )ଶିଳ୍ପ ସମୃଦ୍ଧ ଅନୁଗୁଳ ଜିଲ୍ଲାର କଣିହାଁ ବ୍ଲକ ରେ କୋଇଲା ଖଣି, ଏନଟିପିସି ଓ ଯେଆଇଟିପିଏଲ ବିଦ୍ୟୁତ ପ୍ରକଳ୍ପ ର ପାଉଁଶ ପୋଖରୀ ଆପତ୍ତି ପ୍ରତିଶ୍ରୁତି ସମାଧାନ ପାଇଁ ଆନ୍ଦୋଳନ ହେଉଥିଲେ ମଧ ଏହାର ସମାଧାନ ହେଉନାହିଁ। ଏହାକୁ ନେଇ ଅସନ୍ତୋଷ ବଢୁଥିବା ବେଳେ ପ୍ରକୃତ ସମାଧାନର ଦିଗରେ ଅବହେଳା ଭଳି ଅନେକ ଶିଳ୍ପସଂସ୍ଥା ଗଢ଼ିଉଠିଛି । ଏଥି ଯୋଗୁଁ ଜମିହରା କ୍ଷତିଗ୍ରସ୍ତ ଙ୍କ ଅଦ୍ୟାବଧି ନିଯୁକ୍ତି ଥଇଥାନ ଅନେକ ସମସ୍ୟା ପୂରଣ ହୋଇନାହିଁ ବହୁ ସମୟରେ ଟ୍ରାଫିକ୍ ସମସ୍ୟା ଦାବୀ ପ୍ରଶାସନ ସହିତ ବିଭିନ୍ନ ସଂସ୍ଥାର କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନ ଅବହେଳା ମୂଳକାରଣ ହେଉଛି କଣିହାଁ ରୁ ଏନଟିପିସି ବଜାର ଦେଇ ତାଳଚେରକୁ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ପଥଚାରୀଙ୍କ ଦୁର୍ଦ୍ଦିନ କାରଣ ହୋଇଛି । ଏହି ରାସ୍ତା ରେ ନିର୍ଭର କର୍ମଜୀବି ଜନସାଧାରଣଙ୍କ ସହିତ ଆଗାମୀ ଦିନର ଭବିଷ୍ୟତ ବହୁ ବିଦ୍ୟାର୍ଥୀ ସ୍କୁଲ ଯିବା ଆସିବା ବେଳେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ମଙ୍ଗଳବାର ଭାରିଯାନ ଚଳାଚଳ ମଙ୍ଗଳବାର ପୂର୍ବାହ୍ନରୁ ଅପରାହ୍ନ ପର୍ଯ୍ୟନ୍ତ ଜୀବନ ଯାତ୍ରାରେ ଦୁର୍ବିଷହ ହୋଇ ଯାତାୟାତରେ ବ୍ୟାଘାତ ଉପୁଜି ଥିଲା। କୋଇଲା ଖଣି, ଏନଟିପିସି ଓ ଜେଆଇଟିପିଏଲ ପାଉଁଶ ପୋଖରୀରୁ ପ୍ରତ୍ୟେକ ଦିନ ତେଲିସିଂହା ଛକ ସହିତ ଏନଟିପିସି ର ମୁଖ୍ୟ ଫାଟକ ସମ୍ମୁଖ ଠାରୁ ବଲାଙ୍ଗି ଲେବୁଲ କ୍ରସିଂ ପର୍ଯ୍ୟନ୍ତ ସହସ୍ରାଧିକ କୋଇଲା ଓ ପାଉଁଶ ପରିବହନ ଗାଡ଼ି ଗୁଡିକ ଟ୍ରିପିଲ ଲାଇନ କରି ପାର୍କିଂ କରି ରଖି ଦେଇଛନ୍ତି । ଏଥି ପାଇଁ ପଥଚାରୀ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଓ ଦମକଳବାହିନୀ ସହିତ ଆମ୍ବୁଲାନ୍ସରେ ରୋଗୀ ଚିକିତ୍ସା ପାଇଁ ଜିଲ୍ଲା ବାହାର କୁ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି ନିକଟ ଅତୀତରେ ଗୁଡିବନ୍ଧ ଛକ ଠାରୁ ତାଳଚେର ବାଙ୍କଧରା ଓ ବହ୍ଲର ଛକ ପର୍ଯ୍ୟନ୍ତ ରାସ୍ତା କଡରେ ବେଆଇନ ପାର୍କିଂ ଗାଡି ଗୁଡିକୁ ଜିଲ୍ଲାପାଳ ନିର୍ଦ୍ଦେଶ କ୍ରମେ ଉପ ଜିଲ୍ଲାପାଳ ଓ ପୋଲିସ ଅଧିକାରୀ ମାନେ ମୋଟା ଅଙ୍କର ଜୋରିମାନା ଆଦାୟ କରିବା ଯୋଗୁଁ ଏବେ ଟ୍ରାଫିକ ସମସ୍ୟା କିଛି ମାତ୍ରାରେ ହ୍ରାସ ପାଇଛି ବୋଲି ଅନୁମାନ କରାଯାଉଛି। ସେହିପରି କଣିହାଁ ବ୍ଲକ ଅଞ୍ଚଳର କଣିହାଁ ଏନଟିପିସି ଟାଉନ ଥାନା ସମଲ ଥାନା ସହିତ ତାଳଚେର ପରିବହନ ଅଧିକାରୀ ମାନେ ଜନସାଧାରଣଙ୍କ ଯାତାୟାତ ସୁଗମ ହେବା ପାଇଁ ଅଧିକାରୀଙ୍କ ତତ୍ପରତା ଦେଖିବାକୁ ମିଳୁ ନାହିଁ। ସ୍ଥାନୀୟ ଅଞ୍ଚଳର କିଛି ଗାଡି ମାଲିକ ବିଭିନ୍ନ ଗ୍ରାମାଞ୍ଚଳ ଓ ପୂର୍ତ୍ତ ବିଭାଗ ରାସ୍ତା ରେ ଗାଡି ଚଳାଚଳ କରିବା ଦ୍ୱାରା ଗ୍ରାମାଞ୍ଚଳ ଅଧିବାସୀଙ୍କ ଗମନାଗମନ ବ୍ୟବସ୍ଥାରେ ବାଧା ସୃଷ୍ଟି ହେଉଛି ପ୍ରତ୍ୟେକ ଦିନ ତଥା ପରମ୍ ନୀତି କୁ ବଦଳାଇ ନୂତନ ସରକାର ଏଦିଗରେ ପଦକ୍ଷେପ ନେବା ସହିତ ସୁରକ୍ଷିତ ଯାତାୟାତ ପାଇଁ ଜିଲ୍ଲାପାଳ ଅନୁଗୁଳ ତାଳଚେର ଉପ ଜିଲ୍ଲାପାଳ ଏଦିଗରେ କୋଠାର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଭିନ୍ନ ମହଲରେ ଦାବୀ ହୋଇଛି

## (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

### ଆଜି..

ଓ ଜଗତସିଂହପୁର ହେବ ଭୟଙ୍କର ପ୍ରଭାବିତ। ଧାମରା ବନ୍ଦରକୁ ୧୦ ନମ୍ବର ବିପଦ ସଂକେତ। ୨୦୦ ମିଲିମିଟରରୁ ଅଧିକ ବର୍ଷା ହୋଇପାରେ। ପ୍ରବଳ ବର୍ଷାରେ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନା।

ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସେ କହିଛନ୍ତି, ବାତ୍ୟ ଦାନାର ପ୍ରଭାବ ଭଦ୍ରକ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଜିଲ୍ଲାରେ ଅଧିକ ରହିବ। ଏହାଛଡ଼ା ଯାଜପୁର ଏବଂ ଜଗତସିଂହପୁର ଜିଲ୍ଲା ବି ପ୍ରଭାବିତ ହେବ। ଧାମରା ଓ ଭିତରକନିକା ମଧ୍ୟରେ ସ୍ଥଳଭାଗ ଛୁଇଁବ। ଏହାର ପ୍ରଭାବରେ ସମୁଦ୍ରରେ ଜୁଆର ଆସିବ। ଏହି ଦୁଇ ସ୍ଥାନରେ ମଧ୍ୟରେ କେବଳ ବୈତରଣୀ ନଦୀ ରହିଛି।

ଏହି ବାତ୍ୟାର ପ୍ରଭାବରେ ବିଭିନ୍ନ ଚାଷୀ କ୍ଷତିଗ୍ରସ୍ତ ହେବେ। ଆମେ ବନ୍ଦରମାନଙ୍କରେ ସତର୍କ ସୂଚନା ଦେଇଛୁ। ଭିତରକନିକାର ଜାତୀୟ ଉଦ୍ୟାନ ଥିବା ହେତୁ ସରକାର ଏଥିନେଇ ସତର୍କ ଅଛନ୍ତି। ୨୫ ତାରିଖ ସକାଳ ସୁଦ୍ଧା ଲାଣ୍ଡଫଲ୍ ପ୍ରକ୍ରିୟା ଜାରି ରହିବ। ଏଣୁ ଲୋକେ ଅଯଥା ବୁଲାବୁଲି ନକରି ଘରେ ରହିବାକୁ ପରାମର୍ଶ ଦେଇଛନ୍ତି ଆଇଏମଡି ଡିଜି। ରାଜ୍ୟ ସରକାରଙ୍କ ପରାମର୍ଶ ମାନିବା ଉଚିତ। ପ୍ରଥମରୁ ଆମେ ଯେଉଁ ପୂର୍ବାନୁମାନ କରିଥିଲୁ, ତାହା ସ୍ପଷ୍ଟ ହୋଇଛି।

ପୁରୀ, ଧାମରା ଏବଂ ପାରାଦୀପକୁ ବିପଦ ସଂକେତ ୧୦ ଏବଂ ଗୋପାଳପୁରକୁ ୮ ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି।

ବାତ୍ୟାର କେନ୍ଦ୍ର ଚାରିପାଖରେ ସମୁଦ୍ର ଭିତରେ ସର୍ବାଧିକ ପବନର ବେଗ ଘଣ୍ଟା ପ୍ରତି ୮୫ କିମି ରହିଛି। ବାତ୍ୟାର କେନ୍ଦ୍ର ଚାରିପାଖରେ ପରିଧି ୪୧୦ କିମି ପାଖାପାଖି ରହିଛି। ଏହାର ବାହ୍ୟ ଅଂଶ ଅର୍ଥାତ ଚାରିପାଖରେ ଥିବା ବାଦଲ ଉପକୂଳ ଛୁଇଁବା ଆରମ୍ଭ କରିଛି।

ଯାହାର ପ୍ରଭାବରେ କେନ୍ଦ୍ରାପଡ଼ା, ଭଦ୍ରକର କିଛି ଅଂଶରେ ତୀବ୍ର ବର୍ଷା ସହ ପବନର ବେଗ ଘଣ୍ଟା ପ୍ରତି ୩୦ ରୁ ୪୦ କିମି ରହୁଛି। ଧୀରେ ଧୀରେ ଏହି ବର୍ଷା ଉପକୂଳର ଅନ୍ୟ ଜିଲ୍ଲାରେ ପ୍ରଭାବ ବିସ୍ତାର ହେବ ଉପକୂଳ ସହ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ।ଏହା ସହ ଆସନ୍ତା କାଲି ଠାରୁ ବର୍ଷାର ପ୍ରଭାବ,ଓ ପରିମାଣ ବଢ଼ିବ।

ଉତ୍ତର ଓ ଉପକୂଳ ଅଧିକ ପ୍ରଭାବିତ ହେବ। ବାତ୍ୟା ଆସନ୍ତାକାଲି ମଧ୍ୟରାତ୍ରୀରୁ ୨୫ ତାରିଖ ସକାଳ ଭିତରେ ସ୍ଥଳଭାଗ ଅତିକ୍ରମ କରିବ। ବାତ୍ୟା ଯୋଗୁ ଖରିପ ଚାଷ ଅଧିକ ପ୍ରଭାବିତ ହେବ। କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକରେ ଉଚ୍ଚ ଜୁଆର ଆସିବ।

ଭୁବନେଶ୍ୱରରେ ଘଣ୍ଟା ପ୍ରତି ୬୦ ରୁ ୭୦ କିମି ବେଗରେ ପବନ ବହିବ ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ପୂର୍ବାନୁମାନ କରିଛନ୍ତି ଏହା ସହ ପ୍ରବଳ ବର୍ଷା ହେବାର ସମ୍ଭବନା ରହିଛି ଆସନ୍ତାକାଲି ଠାରୁ ଆକାଶ ମେଘାଚ୍ଛନ୍ନ ରହିବ।

### ହାଇଆଲର୍ଟ...

ଜରୁରୀକାଳୀନ ପରିସ୍ଥିତିର ତୁରନ୍ତ ମୁକାବିଲା କରିବା ପାଇଁ ନିଜର ଜାହାଜ ଏବଂ ବିମାନଗୁଡ଼ିକୁ ରଣନୈତିକ ଭାବେ ମୁତୟନ କରିଛି। ଭାରତୀୟ ତଟରକ୍ଷୀ ବାହିନୀର ଯବାନମାନେ ସ୍ଥାନୀୟ ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ଏକ ସମନ୍ୱିତ ଏବଂ ପ୍ରଭାବଶାଳୀ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି।

ବାତ୍ୟା ଅତିକ୍ରମ ନ କରିବା ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନଯିବା ପାଇଁ ସମୁଦ୍ର କୂଳରେ ଥିବା ମତ୍ସ୍ୟଜୀବୀ ମାନଙ୍କୁ ଗାଁ ମୁଖିଆଙ୍କ ସମେତ ବିଭିନ୍ନ ମାଧ୍ୟମରେ ସୂଚନା ଦିଆଯାଇଛି। ଭାରତୀୟ ତଟରକ୍ଷୀ ବାହିନୀ ହାଇ ଆଲର୍ଟରେ ରହିଛି ଏବଂ ଏହାର ଉତ୍ସର୍ଗୀକୃତ ବିପର୍ଯ୍ୟୟ ରିଲିଫ ଟିମ୍ ସହାୟତା, ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ପାଇଁ ପ୍ରସ୍ତୁତ ଅଛି।

ଓଡ଼ିଶାରେ ଏନଡିଆରଏଫ ପକ୍ଷରୁ ୨୦ଟି ଓ ପଶ୍ଚିମବଙ୍ଗରେ ୧୩ଟି ଟିମ୍ ମୁତୟନ କରାଯାଇଛି। ଏନଡିଆରଏଫ ଡିଆଇଜି ମୋହସେନ ସାହିଦି କହିଛନ୍ତି, ପଶ୍ଚିମବଙ୍ଗରେ ୪ଟି ଟିମକୁ ରିଜର୍ଭରେ ରଖାଯାଇଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆନ୍ଧ୍ରପ୍ରଦେଶର ଭାଇଜାଗରେ ମଧ୍ୟ ପ୍ରସ୍ତୁତି କରାଯାଇଛି। ଏନଡିଆରଏଫ ଡିଆଇଜି କହିଛନ୍ତି ଯେ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ଟିମ୍ ରହିଛି। ଆସନ୍ତାକାଲି ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ଆଜି ସର୍ବାଧିକ ସ୍ଥାନାନ୍ତର କରାଯିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

### ରେଳବାଇ...

ଓଡ଼ିଶାର ମୁଖ୍ୟାଳୟ ଭୁବନେଶ୍ୱର ସମେତ ଗାର୍ଡେନ୍ ରିଚ୍ (କୋଲକାତା), ଖୋର୍ଦ୍ଧା ରୋଡ୍, ବିଶାଖାପାଟଣା, ସମ୍ବଲପୁର, ଚକ୍ରଧରପୁର, ଆଦ୍ରା, ରାଞ୍ଚି, ଖଡ଼ଗପୁର ଓ ବାଲେଶ୍ୱରର ବିଭାଗୀୟ

କାର୍ଯ୍ୟାଳୟରେ ୯ଟି ୨୪ ଘଣ୍ଟିଆ। ଉତ୍ସର୍ଗୀକୃତ ଜରୁରୀକାଳୀନ ପ୍ରକୋଷ୍ଠ ପ୍ରତିଷ୍ଠା କରାଯିବ। ଏହି ୱାର୍ ରୁମ୍ ଗୁଡ଼ିକରେ ଇଞ୍ଜିନିୟରିଂ, ଏସ୍ ଆଣ୍ଡ ଟି, ଅପରେଟିଂ, ବାଣିଜ୍ୟିକ ଏବଂ ଆରପିଏଫ୍ ର ଅଧିକାରୀମାନେ ନିୟୋଜିତ ରହିବେ। ଏଠାରେ ବାତ୍ୟା ଜନିତ କୌଣସି ଫଳାଫଳ ଉପରେ ତ୍ୱରିତ ନିଷ୍ପତ୍ତି ନିଆଯିବ ଏବଂ ସେବା ଓ ଭିତ୍ତିଭୂମିର ଶୀଘ୍ର ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯାଇପାରିବ ।ର୍ ରୁମ୍/ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷରେ ନିରନ୍ତର ବିଦ୍ୟୁତ ସରବରାହ ସୁବିଧା ସହିତ ନିରବଚ୍ଛିନ୍ନ ଯୋଗାଯୋଗ ପାଇଁ ୨୦ଟି ସାଟେଲାଇଟ୍ ଫୋନ୍ କାର୍ଯ୍ୟକ୍ଷମ ରହିଛି ରିୟଲ ଟାଇମ୍ ଅପଡେଟ୍ ପାଇବା ଏବଂ ଆବଶ୍ୟକ ଅନୁଯାୟୀ ସମ୍ବଳ ସଂଗ୍ରହ କରିବା ପାଇଁ ଆଇଏମଡି ସହିତ ରେଳବାଇ ନିରନ୍ତର ଯୋଗାଯୋଗ ରକ୍ଷା କରୁଛି।

ଆବଶ୍ୟକ ସ୍ଥଳେ ସୋରୋ, ଜଳେଶ୍ୱର ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ଟ୍ରାକ୍, ସିଗନାଲ୍ ବ୍ୟବସ୍ଥାର ଶୀଘ୍ର ପୁନରୁଦ୍ଧାର ଏବଂ ବିଦ୍ୟୁତୀକରଣ ପାଇଁ ସ୍ୱତନ୍ତ୍ର ଟିମ୍ ନିୟୋଜିତ ହୋଇଛନ୍ତି ।ବିଜୁଳି କାଟ ହେଲେ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ଡିଜେଲ ଇଞ୍ଜିନକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି।

ଭୋଜୁଡିହ, ବୋକାରୋ ଷ୍ଟିଲ ସିଟି, ସୋରୋ, ନିମପୁରା, ଆଦ୍ରା, ରାଜଗୋଦା, ବଛରାବନ, କେନ୍ଦୁଆ, କାଲାଘର, ତାପଙ୍ଗ, ଛତ୍ରପୁର, ପଲାସା, ହିନ୍ଦୋଳ ରୋଡ୍, ରାଧାକିଶୋରପୁର, କେନ୍ଦ୍ରାପଡ଼ା, ରଘୁନାଥପୁର, ହରିଦାସପୁର ଭଳି ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପର୍ଯ୍ୟାପ୍ତ ସଂଖ୍ୟକ ୬୦୦ରୁ ଅଧିକ କର୍ମଚାରୀ ନିୟୋଜିତ ହେବା ୫୭ ବିଓଏକ୍ସଏନ ବୋଲ୍ଡର, ୮୬ ବିଓଭାଇଏନ ଗେଟି ଏବଂ ୧୨୩ ବିଓଏକ୍ସଏନ୍ ବାଲି/ମୋରମ/ଖାଦାନ ଧୂଳି ଆଦି ପୁନରୁଦ୍ଧାର ସାମଗ୍ରୀ ଷ୍ଟକ୍ ସହିତ ପ୍ରସ୍ତୁତ ରଖାଯାଇଛି। ଯେକୌଣସି ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା ପାଇଁ ରିଲିଫ୍ ଭ୍ୟାନ୍, ୪୯ଟି ଭାରି ଯନ୍ତ୍ରପାତି, ୭ଟି ଟ୍ରଲି ଓ ଅନ୍ୟାନ୍ୟ ଉପକରଣ ପ୍ରସ୍ତୁତ ରଖାଯାଇଛି ରିଲିଫ ସାମଗ୍ରୀ କିମ୍ବା ଅନ୍ୟାନ୍ୟ ଆବଶ୍ୟକତା ବହନ କରିବା ପାଇଁ ୬-୭ଟି ବଗି ବିଶିଷ୍ଟ ସ୍କ୍ରାଚ୍ ରେକ୍ ଯୋଜନା କରାଯାଇଛି ଏବଂ ଏହାକୁ ଖଡ଼ଗପୁରରେ ରଖାଯାଇଛି। ବାଲେଶ୍ୱର, ଦାତନ, ଖଡ଼ଗପୁର, ରୂପସା ଓ ହଳଦିଆରେ ଟାର୍ପାଗନ ବ୍ୟବସ୍ଥା କରି ରଖାଯାଇଛି।

ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଜାରି ହୋଇଥିବା ରେଡ୍ ଆଲର୍ଟ ଯୋଗୁଁ ଭୁବନେଶ୍ୱର-ବିଶାଖାପାଟଣା କରିଡରରେ ଥିବା ଷ୍ଟେସନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।ଚକ୍ରଧରପୁର ଓ ଆଦ୍ରା ସହିତ ସଂଲଗ୍ନ ଡିଭିଜନ ଅର୍ଥାତ୍ ଖଡ଼ଗପୁର ଡିଭିଜନକୁ ମଧ୍ୟ ହାଇ ଆଲର୍ଟରେ ରଖାଯାଇଛି ପ୍ରବଳ ବର୍ଷା ଓ ବନ୍ୟା ଜନିତ କ୍ଷୟକ୍ଷତିକୁ ରୋକିବା ପାଇଁ ରେଳ ପୋଲ, ଟ୍ରାକ୍, ୟାର୍ଡ ଓ ସିଗନାଲ ବ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଜଳ ନିଷ୍କାସନ ଲାଗି ଡ୍ରେନ୍ ଏବଂ ପାର୍ଶ୍ୱ ଡ୍ରେନ୍ ଗୁଡ଼ିରେ ଥିବା ମାଟି ଓ ଗଛଲତା ଭଳି ବାଧାରୁ ସଫା କରାଯାଉଛି ସୋର, ବାଲେଶ୍ୱର, ଜଳେଶ୍ୱର, ଖଡ଼ଗପୁର ଓ ଦୀଘାରେ ଯାତ୍ରୀଙ୍କୁ ସ୍ଥାନାନ୍ତର ଓ ଅନ୍ୟାନ୍ୟ ଜରୁରୀ କାଳୀନ ପରିସ୍ଥିତିର ମୁକାବିଲା ପାଇଁ ଡ୍ରାଇଭରମାନଙ୍କ ସହ ଷ୍ଟାଣ୍ଡବାଇ ଯାନ ଯୋଜନା କରାଯାଇଛି।

ସମସ୍ତ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ପୁରୀ - ୮୯୨୬୧୦୦୩୫୬, ଖୋର୍ଦ୍ଧାର ରୋଡ ୮୯୨୬୧୦୦୨୧୫, ଭୁବନେଶ୍ୱର - ୮୧୧୪୩୮୨୩୭୧, କଟକ - ୮୧୧୪୩୮୨୩୫୯, ପାରାଦୀପ - ୮୧୧୪୩୮୮୩୦୨, ଯାଜପୁର କେନ୍ଦୁଝର ରୋଡ୍ - ୮୧୧୪୩୮୨୩୪୨, ଭଦ୍ରକ - ୮୧୧୪୩୮୨୩୦୧, ପଲାସା - ୮୧୧୪୩୮୨୩୧୯ , ବ୍ରହ୍ମପୁର- ୮୧୧୪୩୮୨୩୪୦ ହେଲ୍ପ ଡେସ୍କ ପ୍ରତିଷ୍ଠା କରାଯିବ ଏବଂ ଯାତ୍ରୀଙ୍କ ସମେତ ଜନସାଧାରଣଙ୍କୁ ନିୟମିତ ସୂଚନା ଦିଆଯିବ।

### ଭାରତ...

ପରେ ଔପଚାରିକ ବୈଠକ କରିଛୁ। ଆମ ବିଶ୍ୱାସ ଭାରତ-ଚୀନ ସମ୍ପର୍କ କେବଳ ଆମ ଲୋକଙ୍କ ପାଇଁ ନୁହେଁ, ବରଂ ବୈଶ୍ୱିକ ଶାନ୍ତି, ସ୍ଥିରତା ଏବଂ ପ୍ରଗତି ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ।

ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ କହିଥିଲେ ଯେ ଉଭୟ ପକ୍ଷ ମଧ୍ୟରେ ଅଧିକ ଆଲୋଚନା ହେବା ଉଚିତ। ଉଭୟ ପକ୍ଷ ମଧ୍ୟରେ ସହଯୋଗ ବଢ଼ିବା ଉଚିତ। ଏହା ଉଭୟ ପକ୍ଷ ପାଇଁ ଗୁରୁତ୍ୱପୂର୍ଣ୍ଣ।ଆମ ମଧ୍ୟରେ ଥିବା ମତଭେଦ ଓ ଅସହମତିଗଡ଼ିକୁ ସଠିକ ଭାବେ ପରିଚାଳନା କରାଯିବାର ଆବଶ୍ୟକତା ରହିଛି। ଆମେ ପରସ୍ପରର ବିକାଶରେ ସହଯୋଗର ହାତ ବଢ଼ାଇବା ଉଚିତ।

ଆଜିର ଏହି ଦ୍ୱିପାକ୍ଷିକ ବୈଠକରେ ବୈଦେଶିକ ମନ୍ତ୍ରୀ ଏସ୍.ଜୟଙ୍କର ଓ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ସାମିଲ ହୋଇଥିଲେ।

ବୈଠକ ପରେ ଦୁଇ ନେତା ଭାରତ-ଚୀନ ସୀମାରେ ବିଶେଷ ପ୍ରତିନିଧି ସୀମା କ୍ଷେତ୍ରରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ତଦାରଖ କରିବା ଉପରେ ମହମତ ହୋଇଛନ୍ତି। ଏହାସହ ଏହି ପ୍ରସଙ୍ଗରେ ନିରପେକ୍ଷ, ସଠିକ୍ ଏବଂ ପାରସ୍ପାରିକ ରୂପେ ଗ୍ରହଣୀୟ ସମାଧାନ ବାହାର କରିବା ପାଇଁ ବୈଠକ କରିବେ।

ଅକ୍ଟୋବର ୨୦୧୯ରେ ମହାବଳିପୁରମରେ ଏକ ଅନୌପଚାରିକ ଶିଖର ସମ୍ମିଳନୀରେ ଦୁଇ ନେତା ସାକ୍ଷାତ ହୋଇଥିଲେ। କିଛି ମାସ ପୂର୍ବରୁ ପୂର୍ବ ଲଦାଖରେ ଚୀନ୍‌ର ଆକ୍ରମଣ ଏଲଏସିରେ ସାମରିକ ବିବାଦ ସୃଷ୍ଟି କରିଥିଲା। ଦୁଇ ନେତା ବାଲି (୨୦୨୨) ଏବଂ ଜୋହାନ୍ସବର୍ଗ (୨୦୨୩)ରେ କିଛି ସଂକ୍ଷିପ୍ତ ବେଠକ କରିଥିଲେ। ତେବେ ବୁଧବାରର ବେଠକ ହେଉଛି ପ୍ରଥମ ଉପଯୁକ୍ତ ଦ୍ୱିପାକ୍ଷିକ ବୈଠକ। ବିଶେଷଜ୍ଞମାନଙ୍କ ଅନୁସାରେ ଚାରି ବର୍ଷ ଧରି ଚାଲିଆସୁଥିବା ଅବରୋଧକୁ ଶେଷ କରିବାରେ ପିଏମ ମୋଦୀ ଏବଂ ସି ଜିନପିଙ୍ଗଙ୍କ ମଧ୍ୟରେ ସାକ୍ଷାତ ଏକ ପ୍ରମୁଖ ସଫଳତା।

ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ବାର୍ତ୍ତାଳାପ ବ୍ରାଜିଲର ଫୋର୍ଟାଲେଜାଠାରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀରେ ହୋଇଥିଲା। କୂଟନେତିକସ୍ତରରେ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଥିଲା। କାରଣ ଏହି ବୈଠକ ପରେ ପିଏମ ମୋଦୀ ଏବଂ ସି ଜିନପିଙ୍ଗ ଦୁଇ ଦେଶ ମଧ୍ୟରେ କୂଟନେତିକ ସମ୍ପର୍କ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି ହୋଇପାରିବେ ବୋଲି ଚର୍ଚ୍ଚା ହେଉଥିଲା ।ତାପରେ ଉଭୟ ଦେଶ ପରସ୍ପର ପାଇଁ ସହଯୋଗ ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ।

କିଛି ମାସ ପରେ ୧୭ ସେପ୍ଟେମ୍ବର ୨୦୧୪ରେ ସି ଜିନପିଙ୍ଗ ଭାରତ ଗସ୍ତରେ ଆସିଥିଲେ ଏହି ଗସ୍ତ ସମୟରେ ଉଭୟ ନେତା ବାଣିଜ୍ୟ, ନାଗରିକ ଆଣବିକ ଶକ୍ତି ଏବଂ ସଂଯୋଗ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଚେଷ୍ଟା କରିଥିଲେ। ତେବେ ଦୁଇ ଦେଶ ମଧ୍ୟରେ ସମାଧାନ ହୋଇ ନ ଥିବା ସୀମା ସମସ୍ୟା ଯୋଗୁ ଅର୍ଥନେତିକ ଏବଂ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋଚନା ଅସ୍ପଷ୍ଟ ରହିଥିଲା।

### ୬ ଗୁରୁତ୍ୱପୂର୍ଣ୍ଣ...


ଖାରଜ ହୋଇଥିବା ଆବେଦନର ପରୀକ୍ଷାନିରୀକ୍ଷା କରାଯିବ। ସେଥିପାଇଁ ସୁଭଦ୍ରା ଯୋଜନାର ଗାଇଡଲାଇନରେ ସଂଶୋଧନ ଅଣାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସୁଭଦ୍ରା ଯୋଜନାର ଗାଇଡଲାଇନରେ 'ଇ-କେୱାଇସି' ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ(ଏନଏଫଏସଏ ଓ ଏସଏଫଏସଏ)ର ଡାଟାବେସକୁ ବିଚାରକୁ ନିଆଯାଉଥିଲା । ତେଣୁ ଖାଦ୍ୟ ସୁରକ୍ଷା ବା ରାସନାକାର୍ଡ ପାଇନଥିବା ବହୁ ଯୋଗ୍ୟ ହିତାଧିକାରୀ 'ସୁଭଦ୍ରା' ପାଇଁ ଆବେଦନ କରିବାବେଳେ ସେମାନଙ୍କର ଆବେଦନ ଖାରଜ ହୋଇଯାଇଥିଲା । ଯାହାକୁ ନେଇ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା ।ବେ ରାଜ୍ୟ ସରକାର ଓକାକ୍ ଦେଇଥିବା ଯୋଗ୍ୟ ହିତାଧିକାରୀଙ୍କ ତାଲିକାକୁ ରାସନକାର୍ଡ ଡାଟାବେସରେ ମେଳ କରିବାର ମାନଦଣ୍ଡକୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ୨୦୨୪ ସେପ୍ଟେମ୍ବର ୮ରୁ ୧୩ତାରିଖ ପର୍ଯ୍ୟନ୍ତ 'ଆଧାର' ଇ-କେୱାଇସି ମଡ୍ୟୁଲରୁ ସୁଭଦ୍ରା ପୋର୍ଟାଲକୁ ଅଲଗା କରି ରାସନକାର୍ଡ ଡାଟାବେସ ମାଧ୍ୟମରେ ଇ-କେୱାଇସି ଯାଂଚ କରାଯାଇଥିଲା । ଏବେ ହିତାଧିକାରୀ ଚୟନ ପାଇଁ 'ଆଧାର' ଇ-କେୱାଇସି ମଡ୍ୟୁଲକୁ ସରକାର ବ୍ୟବହାର କରିବେ। ଏହି ବୈଷୟିକ କାରଣ ପାଇଁ ଖାରଜ ହୋଇଥିବା ୨.୬୭ଲକ୍ଷ ଆବେଦନକାରୀଙ୍କ ଆବେଦନର ପରୀକ୍ଷାନିରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯିବ। ସେହିପରି କ୍ୟାବିନେଟ୍ ଆଜି ନେଇଥିବା ନିଷ୍ପତ୍ତି ଅନୁସାରେ, ସୁଭଦ୍ରା ଯୋଜନା ଅନ୍ତର୍ଗତ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ 'ସିବିଡିସି'କୁ ଏକ ମାଧ୍ୟମ ଭାବେ ସାମିଲ କରାଯିବ । ସୁଭଦ୍ରା ଯୋଜନା ପାଇଁ ସ୍ୱତନ୍ତ୍ର ଏଟିଏମ୍ ଅବା ଡେବିଟ୍ କାର୍ଡ ପ୍ରଦାନ କରାଯିବ ନାହିଁ । ସୁଭଦ୍ରା ଯୋଜନାକୁ ଅଧିକ ପାରଦର୍ଶୀ କରିବା ପାଇଁ ବ୍ଲକ ଓ ସହରାଂଚଳସ୍ତରୀୟ ଯାଂଚ କମିଟିର ଅଧ୍ୟକ୍ଷମାନଙ୍କ ଦ୍ୱାରା ଦୁଇଜଣ ମନୋନୀତ ସିଭିଲ ସୋସାଇଟି ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରାଯିବ। ଏଥିପାଇଁ ସୁଭଦ୍ରା ଗାଇଡଲାଇନରେ ଅନୁଚ୍ଛେଦ ୯.୧(ଙ,ଛ)ରେ ସଂଶୋଧନକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ପୁଣି ୩୦ଟି ବିମାନକୁ ବୋମା ଧମକ


**ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି):** ଲଗାତାର ବିମାନକୁ ମିଳୁଛି ବୋମା ଥିବା ନେଇ ମିଛ କଲ୍ୟ ଯାହାକୁ ନେଇ ବିମାନ କମ୍ପାନୀ କୋଟି କୋଟି ଟଙ୍କା କ୍ଷତିରେ ପଡୁଛନ୍ତି । ଫଳରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟର ବଢିଛି ଚିନ୍ତା । ତେବେ ଏପରି ଅପରାଧକୁ ରୋକିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ଆଲୋଚନା ଚାଲି ଥିବାବେଳେ ପୁଣି ୩୦ଟି ବିମାନକୁ ବୋମା ଧମକ ମିଳିଛି । ଆଜି ଇଣ୍ଡିଗୋ, ଭିସ୍ତାରା ଏବଂ ଏୟାର ଇଣ୍ଡିଆ ବିମାନକୁ ବୋମା ଥିବା ନେଇ ଧମକ ମିଳିଛି । ଏହାକୁ ମିଶାଇଲେ ସପ୍ତାହେ ମଧ୍ୟରେ ୧୩୦ରୁ ଅଧିକ ବିମାନକୁ ବୋମାକ ଧମକ ମିଳିଲାଣି । ସୂଚନା ଅନୁସାରେ, ବୋମା ଧମକ ମିଳିଥିବା ବିମାନ ମଧ୍ୟରୁ



ସର୍ବାଧିକ ବିଦେଶ ଯାତ୍ରା କରିବାକୁ ଥିବା ବିମାନ ରହିଛି ।ଏସବୁ ଇଣ୍ଡିଗୋ ବିମାନ ଜେଧା, ଇଷ୍ଟନବୁଲ, ରିୟାଧ ଯିବାର ଥିଲା । ସେହିପରି ଇଣ୍ଡିଗୋ ଏବଂ ଭିସ୍ତାରା ବିମାନକୁ ମଧ୍ୟ ଧମକ ମିଳିଛି । ତିନୋଟି କମ୍ପାନୀର ପ୍ରତ୍ୟକ ୧୦ ଲେଖାଁ ୩୦ଟି ବିମାନକୁ ବୋମା ଥିବା ନେଇ ଧମକ ମିଳିଛି । ଫଳରେ ବିମାନରେ ବ୍ୟାପକ ତଲାସୀ କରାଯିବା ସହ ଯାତ୍ରୀମାନଙ୍କୁ ଯାଞ୍ଚ କରାଯାଇଛି । ତେବେ ବର୍ତ୍ତମାନ ସୁଦ୍ଧା ସେପରି କିଛି ଅଘଟଣ ଘଟିନଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ଅନେକ ବିମାନର ଜରୁରୀ ଅବତରଣ କରାଯାଉଛି । ଏହା ଫଳରେ ବିମାନ କମ୍ପାନୀକୁ କୋଟି କୋଟି ଟଙ୍କାର କ୍ଷତି ସହିବାକୁ ପଡୁଛି । ଏ ଦୃଷ୍ଟିରୁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ଘନ ଘନ ବୈଠକ କରୁଛନ୍ତି । ଦୋଷୀଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ସହ ଏପରି ଅପରାଧକୁ ଧର୍ତ୍ତବ୍ୟ ଅପରାଧ ତାଲିକାଲେ ଯୋଗ କରିବାକୁ ବିଚାର ବିମର୍ଶ ଚାଲିଥିବା ସେ କହିଥିଲେ ।

# ଚୀନ୍‌କୁ ଭରସା କରିବାକୁ ଆଉ କିଛି ଦିନ ଲାଗିବ : ସେନା ମୁଖ୍ୟ

**ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି):** ବାସ୍ତବ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଭାରତ ଓ ଚୀନ୍ ର ମିଳିତ ପାଟ୍ରୋଲିଂ ଚୁକ୍ତିକୁ ନେଇ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ନିଜର ପ୍ରଥମ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି ଯେ ଚୀନ ଉପରେ ଭରସା କରିବାକୁ ଆଉ କିଛି ଦିନ ଲାଗିବ । ତେବେ ଦୁଇ ଦେଶ ମଧ୍ୟରେ ବିଶ୍ୱାସ ଫେରାଇ ଆଣିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ୟୁନାଇଟେଡ୍ ସର୍ଭିସେସ୍ ଇନଷ୍ଟିଚ୍ୟୁସନରେ 'ଡିକେଡ୍ ଅଫ୍ ଟ୍ରାନ୍ସଫର୍ମେସନ୍: ଭବିଷ୍ୟତ ସହ ଭାରତୀୟ ସେନା' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ସେନାମୁଖ୍ୟ କହିଛନ୍ତି ଯେ ଏଲ୍‌ଏସିରେ ବିଶ୍ୱାସ ଫେରାଇ ଆଣିବା ଏକ ନିୟମିତ



ପ୍ରକ୍ରିୟା ହେବ । ଏପ୍ରିଲ ୨୦୨୦ ପୂର୍ବରୁ ଆମକୁ ଏହି ସ୍ଥିତିରେ ପହଞ୍ଚିବାକୁ ପଡ଼ିବ । ଆମେ ଦୁଇ ଦେଶ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ପାଇଁ କାମ କରୁଛୁ ଏବଂ ଏଥିପାଇଁ କିଛି ସମୟ ଲାଗିବ । ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ପାଇଁ ମୁହାଁମୁହିଁ ସ୍ଥାନରୁ ସୈନ୍ୟ ପ୍ରତ୍ୟାହାର ଏବଂ ବଫର ଜୋନ୍ ପରିଚାଳନା ଗୁରୁତ୍ୱପୂର୍ଣ୍ଣ ବୋଲି ସେନା ମୁଖ୍ୟ କହିଛନ୍ତି । ଏହି ସବୁ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ କରାଯିବ । ଏଲଏସିରେ ପ୍ରତିଟି ପଦକ୍ଷେପ ଉପରେ ଚାପ ପଡ଼ିବ ନାହିଁ । ଏଲଏସିରେ ସୃଷ୍ଟି ହୋଇଥିବା ବଫର ଜୋନ୍ ବିଷୟରେ ଉଲ୍ଲେଖ କରି ସେନାମୁଖ୍ୟ କହିଛନ୍ତି ଯେ ପାରସ୍ପରିକ ବୁଝାମଣା ଅନୁଯାୟୀ ଦୁଇ ଦେଶ ମଧ୍ୟରେ ବିଶ୍ୱାସ ଫେରାଇ ଆଣିବାକୁ ହେବ ।

# ମନ୍ଦିରରେ ଲାଉଡସ୍ପିକର କରୁଛି ଶବ୍ଦ ପ୍ରଦୂଷଣ

**ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି):** ମନ୍ଦିରରେ ଲାଉଡସ୍ପିକର ଉପରେ ଜଣେ ଆଇଏଏସ ଅଧିକାରୀ ଦେଇଥିବା ବୟାନକୁ ନେଇ ବିବାଦ ସୃଷ୍ଟି ହୋଇଛି । ଏହାକୁ ନେଇ 'ସଂସ୍କୃତି ବଚାଅ' ମଞ୍ଚ ମାର୍ଟିନଙ୍କ ବିରୁଦ୍ଧରେ ପ୍ରତିବାଦ କରିବାକୁ ଚେତାବନୀ ଦେଇଛି । ଏଥିସହ ମାର୍ଟିନଙ୍କ ସୋଶାଲ ମିଡିଆ ପୋଷ୍ଟକୁ ନେଇ ଭିନ୍ନ ଭିନ୍ନ ମତ ଆସିଛି । ମଧ୍ୟପ୍ରଦେଶର ଜଣେ ବରିଷ୍ଠ ଆଇଏଏସ ଅଫିସର ଶୈଳବାଳା ମାର୍ଟିନ କହିଥିଲେ, ମନ୍ଦିରରେ ଲାଉଡସ୍ପିକର ପାଇଁ ଶବ୍ଦ ପ୍ରଦୂଷଣ ହେଉଛି । ଧାର୍ମିକ ଦୃଷ୍ଟିକୋଣରୁ ଶବ୍ଦ ପ୍ରଦୂଷଣକୁ ନେଇ ସମସ୍ତେ ନିରପେକ୍ଷ ଭାବରେ ଚିନ୍ତା କରିବା ଉଚିତ । ଗତ ସପ୍ତାହରେ ଦୁର୍ଗା ମୂର୍ତ୍ତି ବିଶର୍ଜନ ପ୍ରୋସେସନରେ ଡିଜେ ମ୍ୟୁଜିକର ତାଳେ ତାଳେ ନାଚୁଥିବା ବେଳେ ଜଣେ ୧୩ ବର୍ଷର ନାବାଳକର ମୃତ୍ୟୁ ହେବା ମଧ୍ୟରେ ଏପରି ମନ୍ତବ୍ୟ ଦେଇଛନ୍ତି ଆଇଏଏସ ଅଧିକାରୀ ମାର୍ଟିନ । ଜଣେ ସାମ୍ବାଦିକଙ୍କ ପୋଷ୍ଟରେ ପ୍ରତିକ୍ରିୟା ଦେଇ ମାର୍ଟିନ କହିଥିଲେ, ମନ୍ଦିରରେ ଲାଉଡସ୍ପିକର ଦ୍ୱାରା ସୃଷ୍ଟି ହେଉଥିବା ଶବ୍ଦ ପ୍ରଦୂଷଣକୁ ଅନେକ ସର୍ବସାଧାରଣ ସ୍ଥାନରେ ଶୁଣିବାକୁ ମିଳୁଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଏପରି ମ୍ୟୁଜିକ୍ ଶୁଭୁଛି ।ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଶପଥ ନେବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସମସ୍ତ ଧାର୍ମିକ ସ୍ଥାନରୁ ଲାଉଡସ୍ପିକର ହଟାଇବା ସହ ଡିଜେ ଉପରେ ନିଶେଧାଦେଶ ଲଗାଇଥିଲେ । ତାଙ୍କର ଏହି ଟ୍ୱିଟ୍ ପରେ ସୋଶାଲ ମିଡିଆରେ ଝଡ଼ ସୃଷ୍ଟି ହୋଇଛି । କେହି କେହି ତାଙ୍କୁ ସମର୍ଥନ କରି ଥିବାବେଳେ ଅନ୍ୟକେହି ବିରୋଧ କରିଛନ୍ତି ।ସଂସ୍କୃତି ବଚାଅ' ମଞ୍ଚ କହିଛି ଯେ, ହିନ୍ଦୁମାନଙ୍କ ଭାବନାକୁ ଆଘାତ ଦେବା ପାଇଁ ତାଙ୍କର କୌଣସି ଆଘାତ ନାହିଁ । ସେମାନେ ମାର୍ଟିନଙ୍କ ବିରୋଧରେ ବିରୋଧ ପ୍ରଦର୍ଶନ କରିବେ ।'ସଂସ୍କୃତି ବଚାଅ' ମଞ୍ଚର ମୁଖ୍ୟ ଚନ୍ଦ୍ରଶେଖର ତିୱାରୀ କହିଛନ୍ତି, ଯଦି କେହି ହିନ୍ଦୁଙ୍କ ଭାବନାକୁ ଆଘାତ କରିବାକୁ ଚେଷ୍ଟା କରନ୍ତି, ତେବେ ସଂସ୍କୃତି ବାଚାଓ ମଞ୍ଚ ଏହାକୁ ବିରୋଧ କରିବ । ଆଜାନ ପରି ଲାଉଡସ୍ପିକରରେ ମନ୍ଦିରରେ ଆରତୀ ଏବଂ ମନ୍ତ୍ର ଦିନକୁ ପାଞ୍ଚଥର ଉଚ୍ଚାରଣ କରାଯାଏ ନାହିଁ । ଶୈଳବାଳା ମାର୍ଟିନଙ୍କୁ ମୋର ପ୍ରଶ୍ନ ଯେ ସେ କେବେ ମହରମ ଶୋଭାଯାତ୍ରା ଉପରକୁ ପଥର ଫିଙ୍ଗା ଯାଉଥିବା ଦେଖିଛନ୍ତି କି ? କିନ୍ତୁ ହିନ୍ଦୁ ଶୋଭାଯାତ୍ରା ଉପରକୁ ପଥର ଫିଙ୍ଗାଯାଉଛି ।

# ୟୁପି ଉପନିର୍ବାଚନ: ଏନଡିଏକୁ ଲାଗିପାରେ ବଡ଼ ଝଟ୍‌କା

**ଲକ୍ଷ୍ନୌ,୨୩।୧୦(ଏଜେନ୍ସି):** ଉତ୍ତରପ୍ରଦେଶର ୯ ଟି ବିଧାନସଭା ଆସନରେ ହେବାକୁ ଥିବା ଉପନିର୍ବାଚନକୁ ନେଇ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି । ଗୋଟିଏ ପଟେ ଏସପି ଏବଂ କଂଗ୍ରେସ ମଧ୍ୟରେ ସମୀକରଣରେ ତାଳମେଳ ରହୁ ନ ଥିବା ବେଳେ ଅନ୍ୟ ପଟେ ଏନଡିଏରେ ମଧ୍ୟ ବିଭାଜନ ହେବାର ସମ୍ଭାବନା ରହିଛି ବୋଲି ରାଜ୍ୟ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି । ଏହା ମଧ୍ୟ କୁହାଯାଉଛି ଯେ, ଦୀପାବଳି ପୂର୍ବରୁ ବିଜେପି ପ୍ରାର୍ଥୀଙ୍କ ତାଲିକା ଆସିବା ପରେ ଏନଡିଏକୁ ଏକ ବଡ଼ ଝଟ୍‌କା ଲାଗିପାରେ । ଉତ୍ତରପ୍ରଦେଶର ୯ ଟି ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି ଏସପି ୭ଟି ଆସନରେ ପ୍ରାର୍ଥୀ ଦେଇଛି । ସେଥିମଧ୍ୟରୁ ଗୋଟିଏ ହେଉଛି ମିଲ୍କିପୁର ଆସନ ଯେଉଁଠାରେ ଏପର୍ଯ୍ୟନ୍ତ ନିର୍ବାଚନ ଘୋଷଣା ହୋଇନାହିଁ । ଅବଶିଷ୍ଟ ତିନିଟି ଆସନ ସମ୍ପର୍କରେ ଏସପି ଏବଂ କଂଗ୍ରେସ ମଧ୍ୟରେ



ଆଲୋଚନା ଚାଲିଛି । କିନ୍ତୁ ସୂତ୍ରରୁ ପ୍ରକାଶ ଯେ ବିବାଦକୁ ଏଡାଇବା ପାଇଁ କଂଗ୍ରେସ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ । ଅନ୍ୟପକ୍ଷରେ ବିଜେପି ମଧ୍ୟ ଏହି ଫର୍ମୁଲା ଆଧାରରେ ନିଷ୍ପତ୍ତି ନେଇଛି । କିନ୍ତୁ ପ୍ରାର୍ଥୀ ଘୋଷଣା କରୁନାହିଁ । ଏହା ପଛର କାରଣ କୁହାଯାଉଛି ଯେ ସହଯୋଗୀମାନେ ଅସନ୍ତୁଷ୍ଟ ଅଛନ୍ତି । ମଙ୍ଗଳବାର ୟୁପି ବିଜେପି ସଭାପତି ଭୁପେନ୍ଦ୍ର ଚେଧୁରୀ ଏବଂ ସଂଗଠନର ସାଧାରଣ ସମ୍ପାଦକ ଧରମପାଲ ସିଂଙ୍କ ସହ ୟୁପି ଡେପୁଟି ସିଏମ୍ ବ୍ରିଜେଶ ପାଠକ ଏବଂ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ଦିଲ୍ଲୀ ଡକାଯାଇଛି । ବାସ୍ତବରେ, ଗତ ବେଠକରେ ବିଜେପି ୯ ଟି ଆସନରେ ନିର୍ବାଚନ ଲିବାକୁ ଘୋଷଣା କରିଥିଲା । ଏଥିସହିତ ଦଳ ମୁଜାଫରନଗରର ମେରପୁର ଆସନକୁ ଆରଏଲଡିକୁ ଦେଇଥିଲେ । ଏହା ପରେ ଦୁଇଟି ଆସନ ଦାବି କରୁଥିବା ନିଷାଦ ପାର୍ଟିର ମୁଖ୍ୟ ସଞ୍ଜୟ ନିଷାଦ ଏହାକୁ ନେଇ ଅସନ୍ତୁଷ୍ଟ ହୋଇଥିଲେ । ଚର୍ଚ୍ଚା ହେଉଛି ସଞ୍ଜୟ ନିଷାଦ କାଟେହରି ଏବଂ ମଜୱାନ୍ ଆସନ ଦାବି କରୁଥିଲେ । ବର୍ତ୍ତମାନ ସେ କହୁଛନ୍ତି କାଟେହରି ଆସନ ଛାଡିବାକୁ ପ୍ରସ୍ତୁତ କିନ୍ତୁ ମଜୱାନ୍ ଆସନ ପାଇଁ ପ୍ରାର୍ଥୀ ତାଙ୍କ ଦଳରୁ ହେବା ଉଚିତ୍ । ସୂଚନାଯୋଗ୍ୟ, ୨୦୨୨ ମସିହାରେ ନିଷାଦ ପାର୍ଟି ପ୍ରାର୍ଥୀ ବିଜେପି ସହଯୋଗରେ ମଜୱାନ୍ ଆସନ ଜିତିଥିଲେ । ଏସପି ପ୍ରାର୍ଥୀ ଲାଲଜୀ ବର୍ମା କାଟେହରି ଆସନରୁ ବିଜୟୀ ହୋଇଥିଲେ । ସେ ସାଂସଦ ହେବା ପରେ ଏହି ଆସନ ଖାଲି ପଡିଥିଲା । ସଞ୍ଜୟ ନିଷାଦ ଏହି ଦାବିକୁ ବିଜେପି ସଭାପତି ଜେପି ନାଡ୍ଡାଙ୍କ ସମ୍ମୁଖରେ ରଖିବା ପାଇଁ ଦିଲ୍ଲୀ ବାରମ୍ବାର ଗସ୍ତ କରୁଛନ୍ତି । ଏଥି ସହ ୟୁପି ରାଜନୀତିରେ 'ଗଚ୍ଚ' ଭାବରେ ପରିଚିତଥିବା ସୁଭାସପାର ମୁଖ୍ୟ ଓମପ୍ରକାଶ ରାଜଭରଙ୍କର ହାତ ମଧ୍ୟ ଉପନିର୍ବଚନରେ ଖାଲି ରହିଯାଇଛି । ଏହା ବ୍ୟତୀତ ଏନଡିଏର ସହଯୋଗୀ ଆପ୍ନା ଦଳ ମଧ୍ୟ ଫୁଲପୁର ଆସନରେ ନିର୍ବାଚନ ଲିବାକୁ ଆଗ୍ରହୀ ଥିଲେ ମଧ୍ୟ ସଫଳ ହୋଇପାରି ନାହିଁ ବୋଲି କୁହାଯାଉଛି ।

# ସେବି ମୁଖ୍ୟ ମାଧବୀଙ୍କୁ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି):** ସେବି ଅଧକ୍ଷ ମାଧବୀ ବୁଚଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି । ତାଙ୍କ ବିରୋଧରେ ମିଳିଲାନି କୌଣସି ବି ପ୍ରମାଣୟ ଗତ ସଂସଦ ଅଧିବେଶନରେ ତାଙ୍କ ନାଁ ବେଶ୍ ଚର୍ଚ୍ଚାକୁ ଆସିଥିଲା । ତାଙ୍କ ବିରୋଧରେ ଆସିଥିଲା ସଙ୍ଗୀନ ଅଭିଯୋଗ । ସେ ନିଜ ପଦର ଅପବ୍ୟବହାର କରୁଥିବା ନେଇ ଅଭିଯୋଗ ଆଣିଥିଲା କଂଗ୍ରେସ । କେବଳ ସେତିକି ନୁହେଁ ତାଙ୍କ ପରିବାର ଏବଂ ବିଜେପିକୁ ମଧ୍ୟ ଦୋଷାରୋପ କରିଥିଲା । ବହୁ ପରିମାଣରେ ଦୁର୍ନୀତି ହୋଇଛି ବୋଲି କହିଥିଲା । ସେହିପରି ଆମେରିକାର ସର୍ଟ ସେଲିଂ ଫାର୍ମ ହିଣ୍ଡେନବର୍ଗ ରିସର୍ଚ୍ଚ ସଂସ୍ଥା ମଧ୍ୟ ତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲା । ଆଦାନୀ ଗ୍ରୁପର ସ୍କାମରେ ଜଡିତ ବିଦେଶୀ କମ୍ପାନୀରେ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍ ଏବଂ ତାଙ୍କ ସ୍ୱାମୀ ଧବଲ ବୁଚଙ୍କ ଅଂଶଧନ (ଶେୟାର୍) ରହିଥିବା ରିପୋର୍ଟରେ ପ୍ରକାଶ ପାଇଥିଲା । ଏହାକୁ ମାଧବୀ ବୁଚ୍ ତାଙ୍କ ସ୍ୱାମୀ ଖଣ୍ଡନ କରିଥିଲେ । ଏହି ହିଣ୍ଡେନବର୍ଗର ଏହି ରିପୋର୍ଟକୁ ନେଇ ଚାରିଆଡେ ଚର୍ଚ୍ଚା ଜୋର୍



ଧରିଥିଲା । ଏହାରି ଭିତରେ ମାଧବୀଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ନେଇ ଚର୍ଚ୍ଚା ଚାଲିଥିବା ଭିତରେ କେନ୍ଦ୍ର ସରକାର ଯାଞ୍ଚ ଆରମ୍ଭ କରିଥିଲେ । ଉଭୟ ଏଜେନ୍ସି ଏବଂ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ଏହି ଯାଞ୍ଚ କରାଯାଇଥିଲା । ତେବେ ବର୍ତ୍ତମାନ ଏହି ମାମଲାର ତଦନ୍ତ ଶେଷ ହୋଇଛି । ତଦନ୍ତରୁ ମାଧବୀ କିମ୍ବା ତାଙ୍କର ପରିବାର ବିରୋଧରେ କୌଣସି ପ୍ରମାଣ ମିଳିନଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି । ଇଣ୍ଡିଆ ଟୁଡେର ରିପୋର୍ଟ ଅନୁଯାୟୀ, ସୂତ୍ରରୁ ସୂଚନା ମିଳିଛି ଯେ, ତଦନ୍ତ ଶେଷ ହୋଇଛି ଏବଂ ତାଙ୍କ ବିରୋଧରେ କୌଣସି ସେଭଳି ସନ୍ଦିଗ୍ଧ ପ୍ରମାଣ ମିଳିନାହିଁ । ସରକାରଙ୍କ ବିଶ୍ୱାସ ଯେ, SEBIର ଚେୟାରମ୍ୟାନ୍ ଭାବରେ ମାଧବୀ ପୁରୀ ବୁଚ ଏହି ବ୍ୟବସ୍ଥାକୁ ପରିଷ୍କାର କରିବା ପାଇଁ ବହୁ ଉଦ୍ୟମ କରିଛନ୍ତି । ତେବେ ଏହାକୁ ନେଇ ଅନେକ ଲୋକ ଖୁସି ନୁହଁନ୍ତି । ମାଧବୀ ପୁରୀ ବୁଚ ତାଙ୍କ କାର୍ଯ୍ୟକାଳ ଶେଷ ହେବା ଯାଏ ଏହ ପଦରେ ରହିବେ । ତାଙ୍କ କାର୍ଯ୍ୟକାଳ ୨୦୨୫ ଫେବୃଆରୀ ୨୮ରେ ଶେଷ ହେବ । କହିରଖୁ ଯେ, ମାଧବୀ ପୁରୀ ବୁଚ୍ ୨୦୨୨ ମସିହା ମାର୍ଚ୍ଚ ୧ ତାରିଖରୁ ଭାରତର ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ର ପ୍ରଥମ ମହିଳା ଚେୟାରମ୍ୟାନ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

# ହୋର୍ଡ଼ିଂ ବୋର୍ଡ଼ ଯୋଗୁଁ ଯାଇପାରେ ଜୀବନ

**ଖୋର୍ଦ୍ଧା,୨୩।୧୦ (ମହାଭାରତ):** ବାତ୍ୟା ଦାନାକୁ ନେଇ ଲୋକ ମାନଙ୍କ ମନରେ ଭ। ଦେଖିବାକୁ ମିଳୁଥିବା ବେଳେ ପ୍ରଶାସନ ପକ୍ଷରୁ ଲୋକ ମାନେ ଯେପରି ଭାବିତ ନ ହେବେ କଥା ସବୁ ଆଡେ ଦେଖିବାକୁ ମିଳୁଛି ବେଆଇନ ଭାବେ ଲଗା ଯାଇଥିବା ହୋର୍ଡିଂ ବୋର୍ଡ଼ ଓ କେବେଳ ସେତିକି ନୁହେଁ ଆଗକୁ ଆସୁଥିବା ଦୀପାବଳିକୁ ନଜରରେ ରଖି ବାଣ ବ୍ୟାବସାୟୀମାନେ



ରୋଡ ଉପରେ ବାଉଁଶରେ ନିର୍ମାଣ କରିଛନ୍ତି ଗେଟ୍ ଓ ସମସ୍ତେ ଜାଣିଛନ୍ତି ବାତ୍ୟା ଦାନାର ପ୍ରଭାବରେ ସେଥିପାଇଁ ପ୍ରଶାସନ ପକ୍ଷରୁ ସଚେତନତା କରିବା ସହ ବ୍ୟାପକ ବନ୍ଦୋବସ୍ତ କରାଯାଇଛି ଓ ସମସ୍ତେ ସଜାଗ ଅଛନ୍ତି ବାତ୍ୟା ଦାନା କୁ କିଭଳି ଭାବେ ମୁକାବିଲା କରିବା ପାଇଁ ଓ କିନ୍ତୁ ବଡ଼ ଦୁଃଖର ବିଷୟ । ପ୍ରଶାସନର ଛୋଟ ଭୁଲ୍ ପାଇଁ ଲୋକମାନଂକର ଧନ ଜୀବନ ନଷ୍ଟ ହେବାର ସମ୍ଭାବନା ଅଛି ଓ ଆମେ ଏଥି ପାଇଁ କହୁଛୁ କି ଜଟଣୀ ସହର ବିଭିନ୍ନ ମାର୍କେଟ୍ କଥା କୁହନ୍ତୁ କି ରୋଡ ଉପର ବହୁ ଜୋର୍ ରେ ପବନ ହେବାର ସମ୍ଭାବନା ରହିଛି ସାଧାରଣତଃ ହୋର୍ଡ଼ିଂ ବୋର୍ଡ଼ ଆଇ ଗୁଡାକ ଟିଣ ଆଉ ଲୁହା ରେ ନିର୍ମାଣ ହୋଇଥିବାରୁ ଯୋର୍ ରେ ପବନ ହେଲେ ଏହା ଉଡି ଲୋକ ମାନଙ୍କ ଧନ ଜୀବନ ନଷ୍ଟ କରିବାର ସମ୍ଭାବନା ଅଛି ସେଥିପାଇଁ ପ୍ରଶାସନ ଏହି ଦିଗରେ ଦୃଷ୍ଟି ଦେବା ସହ ଜଲଦି ସବୁ ହୋର୍ଡ଼ିଂ ବୋର୍ଡ଼, ବାଉଁଶ ଗେଟ୍ କୁ କାଢ଼ିବା ପାଇଁ ଅନୁରୋଧ କରିଛନ୍ତି ଜଟଣୀ ବାସୀ ।

## ଦାନା' ବାତ୍ୟା ପାଇଁ ପାରାଦୀପରେ ପ୍ରାକ ପ୍ରସ୍ତୁତି ବୈଠକ

# ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱ

**ପାରାଦୀପ,୨୩।୧୦ (ମହାଭାରତ):** ସମ୍ଭାବ୍ୟ ବାତ୍ୟା ଦାନାକୁ ଦୃଷ୍ଟିରେରୁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଏବଂ ବୃହତ ଶିଳ୍ପ ଗୁଡିକର ପଦାଧିକାରୀ ମାନଙ୍କୁ ନେଇ ଆଜି ପାରାଦ୍ୱୀପ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକରେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ,ଦାତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ବ୍ୟବସ୍ଥା ର ସମୀକ୍ଷା କରିଥିଲେ । ବାତ୍ୟା ସମୟରେ ବିଭିନ୍ନ ଶିଳ୍ପରେ କାର୍ଯ୍ୟକରୁଥିବା ଠିକା ଶ୍ରମିକ ମାନଙ୍କର ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇ ପ୍ରତ୍ୟେକଟି ଜୀବନ ଆମ ପାଇଁ ମୂଲ୍ୟବାନ ବୋଲି କହିଥିଲେ । ରାଜ୍ୟ ସରକାର ଜିରୋ କାଜୁଆଲିଟିକୁ ନିଶ୍ଚିତ କରିବା ଉପରେ ଗୁରୁବ ଦେଉଛନ୍ତି । ଏହି ସମୟରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନଙ୍କ ସହ ସମନ୍ୱୟ ରକ୍ଷା



କରି କାର୍ଯ୍ୟ କରିବା ପାଇଁ ଶିଳ୍ପ ସଂସ୍ଥାର କର୍ତ୍ତୃପକ୍ଷମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଶ୍ରମିକଙ୍କ ସହ ସାଧାରଣ ଜନତାଙ୍କ ପାଇଁ ରିଲିଫ ସାମଗ୍ରୀ, ପାନୀୟ ଜଳ, ଔଷଧ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀକୁ ମହଜୁଦ ରଖିବା ସହ ଭୟଭୀତ ନହୋଇ ବାତ୍ୟା ମୁକାବିଲା ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଜଗତସିଂହପୁର ଜିଲ୍ଲାରେ ୪୫ ଟି ସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳ ରହିଥିବା ବେଳେ ପ୍ରଶାସନ ପାରୁ ପ୍ରାୟ ୨୧୪ ଟି ଅସ୍ଥାୟୀ ଆଶ୍ରୟ ସ୍ଥଳ ପ୍ରସ୍ତୁତ କରାଯାଇଛି । ତେବେ ବାତ୍ୟାରେ ଜିଲ୍ଲାର ପ୍ରାୟ ୮୮ ହଜାର ଲୋକ ପ୍ରଭାବିତ ହେବାର ଆଶଙ୍କା ରହିଥିବା ବେଳେ ୨୩ ତାରିଖ ବୁଧବାର ସନ୍ଧ୍ୟାରୁ ପ୍ରଥମ ପର୍ଯ୍ୟାୟରେ ୮ ହଜାର ଲୋକଙ୍କୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇଛି । ଆଶ୍ରୟ ସ୍ଥଳୀ କୁ ଆସିବା ପାଇଁ ପ୍ରଶାସନ ପାରୁ ବସ ଓ ଗାଡିର ବ୍ୟବସ୍ଥା କରାଯାଇଥିବା ବେଳେ ଆଶ୍ରୟ ସ୍ଥଳରେ ବିଦ୍ୟୁତ ବ୍ୟବସ୍ଥା, ଟଏଲେଟ ସୁବିଧା, ପାନୀୟ ଜଳ, ଶୁଖିଲା ଓ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ନେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି । ଏହି ସମୀ।। ବୈଠକରେ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ,ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ ଭବାନୀ ଶଙ୍କର ଉଦଗାତା, ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ସ୍ୱତନ୍ତ୍ର ଅଧିକାରୀ ଙ୍କ ସମେତ ବହୁ ପୋଲିସ ଅଧିକାରୀ ଓ ଶିଳ୍ପ ସଂସ୍ଥା ର ପ୍ରତିନିଧି ମାନେ ଉପସ୍ଥିତ ରହି ବାତ୍ୟା ସୁରକ୍ଷା ସମ୍ପର୍କିତ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ । ସେହିପରି ଜିଲ୍ଲା ମୁଖ୍ୟାଳୟରେ ପ୍ରସ୍ତୁତ ଥିବା ଏନଡିଆରଏଫ ଟିମ ବୁଧବାର ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ବାତ୍ୟା ପ୍ରଭାବିତ ହେବାକୁ ଥିବା ଅଞ୍ଚଳକୁ ବାହାରିଥିବା ଜଣାପଡିଛି ।

# ବାତ୍ୟା ପୂର୍ବରୁ ପରିବା ଦରରେ ବାତ୍ୟା


**ଆସ୍କା,୨୩।୧୦ (ମହାଭାରତ):** ସାମୁଦ୍ରିକ ବାତ୍ୟା 'ଦାନା' ସ୍ଥଳଭାଗ ଛୁଇଁବାକୁ ଆହୁରି ଦୁଇ ଦିନ ବାକି ଅଛି । କିନ୍ତୁ ତା'ର ପ୍ରଭାବରେ ଗତ ତିନି ଦିନ ହେଲାଣି ଆସିକା ସମେତ ଆଖ ପାଖ ଅଞ୍ଚଳରେ ପରିବା ବଜାରରେ ଝଡ଼ ସୃଷ୍ଟି ହୋଇଯାଇଛି । ଗତ ସୋମବାର ଠାରୁ ପରିବା ବଜାରରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳୁଛି । ଗ୍ରାହକ ଦର ପଚାରିବାକୁ ସମ। ପାଉନାହାନ୍ତି ଓ ପନିପରିବା, ଆଳୁ, ପିଆଜ ବୋହି ନେଉଛନ୍ତି । ଗ୍ରାହକଙ୍କ ଏଭଳି ଛାନିଆ । କିଣା ଦେଖି ବ୍ୟବସାୟୀମାନେ ବି ସୁଯୋଗକୁ ହାତ ଛଡ଼ା କରୁନାହାନ୍ତି । ମନକୁ ଯାହା ଦାମ୍ ଆସୁଛି ଗ୍ରାହକଙ୍କଠାରୁ ଲୁଟି ନେଉଛନ୍ତି । ବାତ୍ୟା ଓଡ଼ିଶାରେ ମାଡ଼ ହେବା ଖବର ପ୍ରଚାରିତ ହେବା ପରେ ବଜାରରେ ଆଉ ଗହଳି କମିବାର ନାଁ ଧରୁନି । ଗ୍ରାହକଙ୍କ ତରବରିଆ । ପଣକୁ ଦେଖି ବେପାରୀ ବି ଦର ବଢ଼ାଇବାକୁ ପଛଘୁ । ଦେଉନାହାନ୍ତି । ଏହାର ଫାଇଦା ନେଇ ସେମାନେ ଗ୍ରାହକଙ୍କୁ ଲୁଟିବାରେ ମାତିଛନ୍ତି । ବେପାରୀ ମନଇଚ୍ଛା ଦରଦାମ ଲଗାଉଛନ୍ତି । ଫଳରେ କୌଣସି ପରିବାର ଦାମ କିଲୋ ପିଛା ୮୦ ଟଙ୍କା ତଳକୁ ନାହିଁ । ଆଳୁ କିଲୋ ୪୦ ଟଙ୍କାରେ ବିକୁଥିବା ବେଳେ ବାଇଗଣ, ପୋଟଳ, ଭେଣ୍ଡି ଭଳି କିଛି ସାଧାରଣ ପରିବା ଦର ସବୁ ୮୦, ବିନସ, ଫୁଲକୋବି ୧୫୦ ଉପରେ । ଜିଲ୍ଲା ପ୍ରଶାସନ ଏହାକୁ ରୋକିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନଥିବାରୁ ବେପାରୀମାନେ ଏଭଳି କରୁଛନ୍ତି ବୋଲି ଗ୍ରାହକମାନେ ଅଭିଯୋଗ କରିଛନ୍ତି । ତେଣୁ ପ୍ରଶାସନ ଏହାକୁ ରୋକିବା ଦିଗରେ ଠୋସ୍ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।ତେଣୁ କଳାବଜାରୀ ରୋକିବା ଦିଗରେ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅଞ୍ଚଳ ବାସୀ ନିବେଦନ କରିଛନ୍ତି ।

# ମାନଝରି ଗ୍ରାମପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**ଗୋଲାମୁଣ୍ଡା,୨୩।୧୦ (ମହାଭାରତ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମାନଝରି ଗ୍ରାମ ପଞ୍ଚାୟତରେ ବୁଧବାର ଦିନ ସ୍ତନ୍ତ୍ର ଗ୍ରାମସଭା ବୈଠକ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଯାଇଛି । ମାନଝରି ସରପ ଜଗୁଜିବନ ଅଗ୍ରିଆଙ୍କ ସଭାପତିତ୍ୱ କ୍ରମେ ଏହି ବୈଠକ ଟି ଅନୁଷ୍ଠିତ ହୋଇଥିଲା ।ଏହି ଗ୍ରାମସଭାରେ ମୁଖ୍ୟତଃ ଗ୍ରାମପଞ୍ଚାୟତର ବିକାଶ ଯୋଜନା ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ବିଭିନ୍ନ ବିକାଶ ଯୋଜନା ସ୍ଥାନ ପାଇଥିଲା । ଗତ ଶନିବାର ଦିନ କାଳବୈଶାଖୀ ପ୍ରଭାବରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବାରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ମଧ୍ୟ ଆଲୋଚନାର ବିଷୟବସ୍ତୁ ପାଲଟିଥିଲା ।ଏହି ସଭାରେ ନାଏବ ସରପ ଭାନୁମତୀ ସୁନାନି , ପି ଇ ଓ ନବୀନ ମାଝୀ, ଜି ଆର ଏସ ଅରୁଣ ଦୁର୍ଗା,ପ୍ରଧାନଶିକ୍ଷକ ଅନାଦି ରାଉତ, ଜି. ପି. ଏଲ. ଏଫ. ସଭାପତି ବେଲମତି ମହାନନ୍ଦ,ଅଙ୍ଗନୱାଡ଼ି କର୍ମୀ,ୱାର୍ଡ ସଭ୍ୟ/ସଭ୍ୟା , ଏ.ସି .ଏମ , ଇ.ସି ମେମ୍ବର , ସି. ଆର. ପି .ତଥା ଜନସାଧାରଣ ଉପସ୍ଥିତ ଥିଲେ । ମାନଝରି ଏକ ଦାଦନ ପ୍ରବଣ ପଞ୍ଚାୟତ ହୋଇଥିବାରୁ ଏହି ଯୋଜନା ଶୀଘ୍ର କାର୍ଯ୍ୟକ୍ଷମ ହେଲେ ପଞ୍ଚାୟତ ବାସି ଉପକୃତ ହେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# କେନ୍ଦୁଜିଆଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଓଏଏସ ରବିଶଙ୍କରଙ୍କୁ ସମ୍ବର୍ଦ୍ଧନା

**କରଞ୍ଜିଆ,୨୩।୧୦ (ମହାଭାରତ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଜିଆଣୀ ର ପୂର୍ବତନ ଛାତ୍ର ଶ୍ରୀ ରବି ଶଙ୍କର ହେମ୍ବ୍ରମ ଓଡ଼ିଶା ଲୋକସେବା ଆୟୋଗ ପରୀକ୍ଷା ରେ କୃତିତ୍ୱ ହାସଲ କରି ଥିବାରୁ ଏକ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଦିନ ପାଳିତ ହୋଇ ଯାଇଛି । ଏହି ଉତ୍ସବ ରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ମଞ୍ଚାସୀନ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପରିଚାଳନା ସମିତି ର ସଭାପତି




କମଳା କାନ୍ତ ମହାନ୍ତ, ସଂପାଦକ ସନାତନ ମହାନ୍ତ, ସଦସ୍ୟା ଅରୁନ୍ଧତୀ ବିନ୍ଧାଣୀ, ଓଏଏସ ରବି ଶଙ୍କର ହେମ୍ବ୍ରମ ଙ୍କ ପିତା ମାତା ନିଜର ଅନୁଭୂତି ଭରା ପ୍ରେରଣା ମୂଳକ ବାର୍ତ୍ତା ପ୍ରଦାନ କରି ଥିଲେ ।ଠାକୁରମୁଣ୍ଡା ଥାନାର ଓ.ଆଇ.ସି ସାବିତ୍ରୀ ଦଳେଇ ପ୍ରେରଣା ମୂଳକ ବକ୍ତବ୍ୟ ରଖିଥିବା ବେଳେ ଓ.ଏ.ଏସ ରବିଶଙ୍କର ହେମ୍ବ୍ରମ ନିଜ ଅନୁଭୂତି ପ୍ରଦାନ କରିବା ସହିତ ପ୍ରେରଣା ମୂଳକ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବହୁ ବୁଦ୍ଧିଜୀବୀ, ଶୁଭେଚ୍ଛୁ ତଥା ଅଭିଭାବକ ମାନେ ଉପସ୍ଥିତ ରହିଥିଲେ । ବିଦ୍ୟାଳୟର ଗର୍ବ ଗୌରବ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ କୁସୁମୀ ବ୍ଲକ କୁସୁମୀ ଗ୍ରାମ ପଞ୍ଚାୟତ ର କେନ୍ଦ୍ରାଇ ଗ୍ରାମର ପ୍ରତାପ ଚନ୍ଦ୍ର ହେମ୍ବ୍ରମ ଓ ମାତା ସୁଲଚନା ହେମ୍ବ୍ରମ ଙ୍କ ସୁଯୋଗ୍ୟ ସନ୍ତାନ ରବି ଶଙ୍କର ହେମ୍ବ୍ରମ (ଜବଭଲ ୬୬୮) ଓଡ଼ିଶା ଲୋକ ସେବା ଆୟୋଗ ପରୀକ୍ଷାରେ କୃତିତ୍ୱ ହାସଲ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି । ସେ ୨୦୦୮ ମସିହାରେ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଜିଆଣୀ ମ୍ୟାଟ୍ରିକ ପରୀକ୍ଷା ରେ ପାସ୍ କରି ସେ Aroöap Sc .College BBSR ୨୦୧୦, ଏବଂ IIT,Kharakpur Mining ( ମାଇନିଂ) ରେ ଶିକ୍ଷା ଗ୍ରହଣ କରୁଥିଲେ । ପିଲାଟି ବେଳୁ ସେ ଶାନ୍ତ ସରଳ, ନିଷ୍ଠା ଓ ସାଧନା କରୁଥିବା ବେଳେ କୋଠର ପରିଶ୍ରମ ମଧ୍ୟ କରୁଥିଲେ । ଏହି ଉତ୍ସବ ରେ ମ ପରିଚାଳନା କରିଥିଲେ ଆଚାର୍ଯ୍ୟ ଧର୍ମେନ୍ଦ୍ର କୁମାର ମହାନ୍ତ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ ପରିଚାଳନା ସମିତି ର ସହ -ସଂପାଦକ ସଞ୍ଜୟ କୁମାର ସାହୁ । ଏଥିରେ ସମସ୍ତ ଆଚାର୍ଯ୍ୟ ଓ ସେବକ ଭାଇ ସହଯୋଗ କରିଥିଲେ ।

# ସାହିତ୍ୟ ସମ୍ଭାର ଉତ୍ସବ

**ନୂଆଗାଁ,୨୩।୧୦ (ମହାଭାରତ):** ନୂଆଗାଁ ବ୍ଲକ୍ ଅନ୍ତର୍ଗତ ଉଦାପୁର ଠାରେ ଥିବା ଦାଶରଥି ସଂଗ୍ରହାଳୟରେ ନୟାଗଡ ଜିଲ୍ଲା ଲେଖକ ପରିଷଦର ଭ୍ରାମ୍ୟମାଣ ଶାରଦୀୟ ସାହିତ୍ୟ ଆସର ସମ୍ଭାର, କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ ଜିଲ୍ଲା ଲେଖକ ପରିଷଦର ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ଶଙ୍କର୍ଷଣ ବେହେରା ,ମୁଖ୍ୟ ବକ୍ତା ନାଟ୍ୟ ଭୂଷଣ ଡ଼ ବିଜୟ କୁମାର ଚୌଧୁରୀ,ସମ୍ମାନୀତ ଅତିଥି ମାଣିକ ସାହିତ୍ୟ ସଂସଦ ର ସମ୍ପାଦକ ଜନାବ୍ ମହମ୍ମଦ ଆଜାଦ୍, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ଦାଶରଥି ପଟ୍ଟନାୟକ ସଂଗ୍ରହାଳୟ ର ସମ୍ପାଦକ ଦୀପକ କୁମାର ପଟ୍ଟନାୟକ,ନୟାଗଡ ଜିଲ୍ଲା ଲେଖକ ପରିଷଦ ର ସମ୍ପାଦକ ସେଖ ଅବଦୁଲ ଖାଲିକ୍ ପ୍ରମୁଖ ଯୋଗଦେଇ ନିର୍ଭୁଲ ସାହିତ୍ୟ ରଚନା ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

# ଭାଜପା ସରକାର ଉପରେ ଗର୍ଜିଲା ବିଜେଡି

**ଜୁନାଗଡ,୨୩।୧୦ (ମହାଭାରତ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରରେ ଆଜି ଏକ ବିରାଟ ରାଲି ସହ ନିଜର ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡିର ପ୍ରାରମ୍ଭରେ ସ୍ଥାନୀୟ ଲଙ୍କେଶ୍ୱରୀ ମନ୍ଦିର ଠାରୁ ଏକ ବିଶାଳ ରାଲି ଯୋଗେ ଟାଉନହଲ ପର୍ଯ୍ୟନ୍ତ ଏକ ରାଲି ପ୍ରମୋଦ ବେହେରା, ବିଜେଡି ନଗର ସଭପତି ସତୀଶ ପଧାନ,ଜିଲ୍ଲା ଉପ ସଭାପତି ଦିଗାମ୍ବର ନାଏକ,ଜିଲ୍ଲା ଯୁବ ସଭାପତି ଆଦିତ୍ୟ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟା ସଂଗୀତା ଖରସେଲ,ଲାଲ ବାହାଦୂର ଯାନୀ,ଯୁବ ସଭାପତି ହିମାଂଶୁ ପୁଝାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, କାଉନସିଲର, ସହାଶ୍ରାଧିକ



କରଯାଇଥିଲା । ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କ ନେତୃତ୍ୱରେ, ଜିଲ୍ଲା ପରିଷଦ ଉପାଧକ୍ଷ୍ୟା ସୁଧିରା ମେହେର, ବିସିସିବି ବ୍ୟାଙ୍କ ସଭାପତି ଗିରିଶ ବେହେରା, ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର, ଏନଏସି ଉପାଧକ୍ଷା ହିମାଦ୍ରୀ ନାଏକ,ପୂର୍ବତନ ନଗରପାଳ ମହେଶ ସାହୁ, ବ୍ଲକ ଉପାଧକ୍ଷ ବିଜେଡିର ମହିଳା ପୁରୁଷ କର୍ମୀ ଭାଗ ନେଇଥିଲେ ।ଶେଷରେ ଟାଉନହଲ ଠାରେ ଏକ ସଭା କରାଯାଇ ଆଗାମୀ ଦିନରେ ବିଜେଡିକୁ ଓଡ଼ିଶାର ଏକ ନମ୍ବର ଦଳ ଭାବେ ଗଢି ତୋଳିବାକୁ ନେତାମାନେ ଆହ୍ୱାନ ଦେଇଥିଲେ ।,ଆଜିର ଏହି ରାଲି ଓ ଜନସମ୍ପର୍କ ଯାତ୍ରା ସମାପ୍ତ ହୋଇଥିଲା ।

# ଆଜିଠୁ ଦ୍ୱିତୀୟ ଟେଷ୍ଟ : କମ୍‌ବ୍ୟାକ୍ ଲକ୍ଷ୍ୟରେ ଭାରତ






- ପୁଣେ ଟେଷ୍ଟ୍ ପାଇଁ ପନ୍ତ, ଗିଲ୍ ଫିଟ୍
- ସ୍ପିନରଙ୍କୁ ସୁହାଇପାରେ ପିଚ୍
- ଚୂଡ଼ାନ୍ତ ଏକାଦଶ ନେଇ ଦ୍ୱନ୍ଦ୍ୱରେ ଭାରତ

ପୁଣେ, ୨୩।୧୦: ବେଙ୍ଗାଲୁରୁରେ ୩୬ବର୍ଷ ବ୍ୟବଧାନ ପରେ ନ୍ୟୁଜିଲାଣ୍ଡଠାରୁ ଏକ ଘରୋଇ ଟେଷ୍ଟ୍ ମ୍ୟାଚ୍ ହାରିବାର ଅପଯଶ ମୁଣ୍ଡାଇଥିବା ଭାରତୀୟ କ୍ରିକେଟ୍ ଦଳ ଆସନ୍ତାକାଲିଠାରୁ ପୁଣେରେ ଆରମ୍ଭ ହେବାକୁ ଯାଉଥିବା ଦ୍ୱିତୀୟ ଟେଷ୍ଟ୍‌ରେ କଠିନ ପରୀକ୍ଷାର ସମ୍ମୁଖୀନ ହେବ। ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ଏହି ମ୍ୟାଚ୍ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ମଙ୍ଗଳବାର ଓ ବୁଧବାର ଅଭ୍ୟାସ ବେଳେ ଭାରତ ସହ ନ୍ୟୁଜିଲାଣ୍ଡ ଖେଳାଳିମାନେ ବହୁତ ଝାଳ ବୋହିଥିଲେ। ପୂର୍ବ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଥିଲା। କିନ୍ତୁ ତାଙ୍କୁ ପୁଣେରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଏହି ପିଚ୍ ଟିମ୍ ଇଣ୍ଡିଆ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ।

ପୁଣେର ମହାରାଷ୍ଟ୍ର କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ର କଳାମାଟି ପିଚ୍ ବେଙ୍ଗାଲୁରୁର ଲାଲ୍ ମାଟି ପିଚ୍‌ଠାରୁ ଭିନ୍ନ ରହିବ। ଏଠାକାର ପିଚ୍‌ରେ ବଲ୍ ଟିକିଏ ତଳୁଆ ରହିବ। ଭାରତ ମଧ୍ୟ ଏଠାରେ ସ୍ପିନର୍‌ଙ୍କୁ ସୁହାଉଥିବା ପିଚ୍‌ରେ ଖେଳିବାକୁ ଚାହିଁବ। କାରଣ ଭାରତ ପାଖରେ କୁଳଦୀପ ଯାଦବ, ଆର ଅଶ୍ୱିନ, ରବୀନ୍ଦ୍ର ଜାଡ଼େଜା, ଅକ୍ଷର ପଟେଲ ତଥା ୱାସିଂଟନ୍ ସୁନ୍ଦରଙ୍କ ରୂପରେ ବିଶ୍ୱସ୍ତରୀୟ ସ୍ପିନ୍ ବିକଳ୍ପ ଅଛି। ନ୍ୟୁଜିଲାଣ୍ଡ ମଧ୍ୟ ଏକଥା ଜାଣିଛି। ଏଣୁ ଦଳୀୟ ଖେଳାଳି ମାନସିକ ଭାବେ ତଦନୁଯାୟୀ ପ୍ରସ୍ତୁତ ହେଉଛନ୍ତି ବୋଲି ନ୍ୟୁଜିଲାଣ୍ଡ ପକ୍ଷରୁ କୁହାଯାଇଛି। ବର୍ଷା ପ୍ରଭାବିତ ବେଙ୍ଗାଲୁରୁ ଟେଷ୍ଟରେ ଟସ୍ ଜିତି ବ୍ୟାଟିଂ କରିବା ଭାରତ ପାଇଁ ବୁମେରାଂ ହୋଇଥିଲା। ପୁଣେରେ ମଧ୍ୟ ଟସ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ଏଣୁ ଟସ୍ ଜିତିବା ଅଧିନାୟକ ସୁଖଦ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ପିଚ୍‌ରେ ଘାସ ରହିବ ନାହିଁ ବୋଲି କ୍ୟୁରେଟର୍ ସଙ୍କେତ ଦେଇଛନ୍ତି। ଏଣୁ ଖେଳ ଆରମ୍ଭ ହେବାର ପ୍ରଥମ କିଛି ଘଣ୍ଟାରେ ବଲ୍ ସିମ୍ କିମ୍ବା ସୁଇଂ କରିବାର ସମ୍ଭାବନା କମ୍ ରହିଛି। ଖେଳ ଚାଲିବା ପରେ ସ୍ପିନର୍‌ମାନେ ଏଥିରୁ ଯଥେଷ୍ଟ ଫାଇଦା ଉଠାଇପାରିବେ ବୋଲି ଅନୁମାନ କରାଯାଉଛି।

ପ୍ରଥମ ଭଳି ଦ୍ୱିତୀୟ ଟେଷ୍ଟ୍‌ରେ ମଧ୍ୟ ନ୍ୟୁଜିଲାଣ୍ଡର ନିର୍ଭରଯୋଗ୍ୟ ବ୍ୟାଟର୍ ତଥା ପୂର୍ବତନ ଅଧିନାୟକ କେନ୍ ୱିଲିୟମସନ୍ ଖେଳିବେ ନାହିଁ। ତଳପେଟ ଯନ୍ତ୍ରଣାରୁ ସଂପୂର୍ଣ୍ଣ ମୁକୁଳି ନଥିବାରୁ ଦଳ ତାଙ୍କୁ ପୁନର୍ବାର ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି। ୱିଲିୟମସନ୍ ଗତମାସର ଶ୍ରୀଲଙ୍କା ବିପକ୍ଷ ଶୃଙ୍ଖଳାରେ ଆହତ ହୋଇଥିଲେ ସଂପ୍ରତି ସେ ନ୍ୟୁଜିଲାଣ୍ଡରେ ରହି ଚିକିତ୍ସିତ ହେଉଛନ୍ତି ଏବଂ ପୁନର୍ବାସ ଉପରେ ଜୋର୍ ଦେଉଛନ୍ତି। ବେଙ୍ଗାଲୁରୁ ଟେଷ୍ଟ୍‌ରେ ତାଙ୍କ ସ୍ଥାନରେ ୱିଲ୍ ୟଙ୍ଗ ତିନି ନମ୍ବର ସ୍ଥାନରେ ବ୍ୟାଟିଂ କରିଥିଲେ। ପ୍ରଥମ ପାଳିରେ ୩୩ ରନ୍ କରିବା ସହ ଦ୍ୱିତୀୟରେ ୪୮ଅ ରନ୍‌ର ମହତ୍ତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ପୁଣେ ଟେଷ୍ଟରେ ନ୍ୟୁଜିଲାଣ୍ଡକୁ ପଛରେ ପକାଇପାରେ ଟିମ୍ ଇଣ୍ଡିଆ। ଏହାର ସବୁଠାରୁ ବଡ କାରଣ ହେଉଛି ପିଚ୍ ଇଣ୍ଡିଆ। ଟୁଡେର ଏକ ଖବର ଅନୁଯାୟୀ, ପୁଣେର ପିଚ୍ ସ୍ପିନରଙ୍କ ପାଇଁ ସହାୟକ ସାବ୍ୟସ୍ତ ହୋଇପାରେ। ଯଦି ଏପରି ହୁଏ ତେବେ ଟିମ୍ ଇଣ୍ଡିଆ ନିଶ୍ଚିତ ଭାବେ ତିନି ଜଣ ସ୍ପିନରଙ୍କୁ ଚୂଡ଼ାନ୍ତ ଏକାଦଶରେ ରଖିବ କୁଳଦୀପ ଯାଦବ, ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କୁ ଖେଳିବାର ସୁଯୋଗ ମିଳିପାରେ। ତେବେ ପ୍ରଥମ ଟେଷ୍ଟ ପାଇଁ ଏହି ତିନି ଜଣଙ୍କୁ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା।

ପୁଣେରେ ଅଭ୍ୟାସ ବେଳେ ଟମ୍ ଲାଥାମଙ୍କ ନେତୃତ୍ୱରେ ନ୍ୟୁଜିଲାଣ୍ଡ ଦଳ ବହୁତ ଝାଳ ବୋହିଥିଲା। ଯଦି ଆପଣ ନ୍ୟୁଜିଲାଣ୍ଡର ବୋଲିଂ ଆକ୍ରମଣ ବିଷୟରେ କହିବାକୁ ଚାହୁଁଛନ୍ତି, ତେବେ ଏହା ବହୁତ ଶକ୍ତିଶାଳୀ। କିନ୍ତୁ ସ୍ପିନ୍ ଦୃଷ୍ଟିରୁ ଟିମ୍ ଇଣ୍ଡିଆ ଭାରି ହୋଇପାରେ। ଏହା ସହ ତାଙ୍କ ବ୍ୟାଟ୍ସମ୍ୟାନଙ୍କୁ ମଧ୍ୟ ସ୍ପିନ୍ ଆଗରେ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ ଯଦି ଏପରି ହୁଏ। ତେବେ ପୁଣେରେ ଟିମ୍ ଇଣ୍ଡିଆ ଆଧିପତ୍ୟ ବିସ୍ତାର କରିପାରିବ।

# ଜେମିମାଙ୍କ ସଦସ୍ୟତା ରଦ୍ଦ

## ପିତାଙ୍କ ଉପରେ ଧର୍ମାନ୍ତରଣ ଅଭିଯୋଗ

ନୂଆଦିଲ୍ଲୀ, ୨୩।୧୦: ଟିମ୍ ଇଣ୍ଡିଆର ଷ୍ଟାର ମହିଳା କ୍ରିକେଟର ଜେମିମା ରୋଡ୍ରିଗେଜଙ୍କ ସଦସ୍ୟଙ୍କ ରଦ୍ଦ କରାଯାଇଛି। ଜେମିମାଙ୍କ ପିତାଙ୍କ ଉପରେ ଧର୍ମାନ୍ତରଣ ଅଭିଯୋଗ ଆସିବା ପରେ ମୁମ୍ବାଇ କ୍ଲବ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପିତାଙ୍କ ଧାର୍ମିକ କାର୍ଯ୍ୟକଳାପକୁ ନେଇ ଜେମିମାଙ୍କ ସଦସ୍ୟତା ସମାପ୍ତ କରାଯାଇଛି। ମୁମ୍ବାଇର ସବୁଠାରୁ ପୁରୁଣା କ୍ଲବ ମଧ୍ୟରୁ ଅନ୍ୟତମ ଖାର ଜିମଖାନା ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜେମିମାଙ୍କ ପିତା ଧାର୍ମିକ



ଆୟୋଜନ ଓ ଲୋକଙ୍କୁ ଧର୍ମ ପରିବର୍ତ୍ତନ କରିବା ନେଇ କ୍ଲବ ପରିସରକୁ ବ୍ୟବହାର କରିଥିବା କ୍ଲବର ଅଧିକାରୀ ଓ କମିଟି ସଦସ୍ୟଙ୍କ ପକ୍ଷରୁ କୁହାଯାଇଛି।

ଜେମିମା ସଦସ୍ୟ ହେବା ଓ ତାର ସୁବିଧାର ଉପଯୋଗ କରିବା ନେଇ ଗତ ୨୦୨୩ରେ ଖାର ଜିମଖାନା ପକ୍ଷରୁ ଆମନ୍ତ୍ରଣ କରାଯାଇଥିଲା। ୨୪ ବର୍ଷୀୟା କ୍ରିକେଟର ଜେମିମାଙ୍କୁ ଏଥିପାଇଁ ୩ ବର୍ଷ ପାଇଁ ସଦସ୍ୟତା ଦିଆଯାଇଥିଲା। ଜେମିମାଙ୍କୁ ନେଇ ସେମାନେ ଗର୍ବ ଅନୁଭବ କରୁଥିବା କମିଟିର ଜଣେ ସଦସ୍ୟ କହିଛନ୍ତି। ମାତ୍ର ତାଙ୍କର ପିତା କ୍ଲବରେ ପାଖାପାଖି ୩୫ଟି ବୈଠକ କରିବା ସହ ଏକ ବର୍ଷରୁ ଅଧିକ ପର୍ଯ୍ୟନ୍ତ ତାହା ବୁକ୍ ହୋଇଥିଲା। ବ୍ରଦର ମାନୁଆଲ ମିନିଷ୍ଟ୍ରିଜ ନାମକ ଏକ ସଂଗଠନ ସେଠାରେ ନିୟମିତ ଭାବେ ବୈଠକ କରି ଆସୁଥିଲା ହଲକୁ ବ୍ୟକ୍ତିଗତ ଭାବେ ଜେମିମାଙ୍କ ନାମରେ ବୁକ୍ କରାଯାଇଥିଲା। ଅଭିଯୋଗ ଆସିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା କୁହାଯାଇଛି।

# ଭଲ କ୍ରୀଡ଼ା ନୀତିର ଆବଶ୍ୟକତା ରହିଛି : ମନ୍ତ୍ରୀ

ଭୁବନେଶ୍ୱର, ୨୩।୧୦: ଓଡ଼ିଶାରେ କ୍ରୀଡ଼ାର ବିକାଶ ପାଇଁ ଏକ ଭଲ କ୍ରୀଡ଼ା ନୀତି ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି। ଏଥିସହିତ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାଙ୍କୁ ଚୟନ କରି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଏବଂ ସେମାନଙ୍କ ସମଗ୍ର ବିକାଶ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତ ରଖିଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଟେନିସ୍ ସେଣ୍ଟର ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ଓଡ଼ିଶା କ୍ରୀଡ଼ା ନୀତିର ଚିଠାପ୍ରସ୍ତାବ ଉପରେ ଅନୁଷ୍ଠିତ ଏକ କର୍ମଶାଳାରେ ଏଭଳି ମତ ରଖିଛନ୍ତି ମନ୍ତ୍ରୀ।

ରାଜ୍ୟରେ ଜିଲ୍ଲାରୁ ବ୍ଲକସ୍ତର ପର୍ଯ୍ୟନ୍ତ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା, ବ୍ଲକ୍‌ସ୍ତରରେ କ୍ରୀଡ଼ା କେନ୍ଦ୍ରର ନିର୍ମାଣ ଏବଂ କ୍ରୀଡ଼ା ନର୍ସରୀ ପ୍ରତିଷ୍ଠା ମାଧ୍ୟମରେ ବିଭିନ୍ନ ଯୁବପ୍ରତିଭାମାନଙ୍କୁ ଚୟନ କରାଯାଇ ଉପଯୁକ୍ତ ପ୍ରଶିକ୍ଷଣ ମାଧ୍ୟମରେ ସଶକ୍ତ କରାଯାଇପାରିଲେ କ୍ରୀଡ଼ାର ବିକାଶ ହୋଇପାରିବ। ଏଥିସହ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ଜିଲ୍ଲା, ରାଜ୍ୟ ସ୍ତରରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ମାଧ୍ୟମରେ କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହିତ କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ।

ସେ ଆହୁରି ମଧ୍ୟ କହିଥିଲେ ଯେ, ଶିକ୍ଷା କ୍ଷେତ୍ରରେ କ୍ରୀଡ଼ାକୁ ଏକ ନିୟମିତ ପାଠ୍ୟକ୍ରମ ରୂପେ ଅନ୍ତର୍ଭୁକ୍ତ କରାଯାଇପାରିଲେ ଯୁବ କ୍ରୀଡ଼ାବିତ୍ ଏବଂ ସେମାନଙ୍କର ଅଭିଭାବକମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ହୋଇପାରିବ। ଏଥି ସହ ବିଦ୍ୟାଳୟ ଗୁଡ଼ିକରେ ଶାରୀରିକ ଶିକ୍ଷା ପ୍ରଦାନ,




ଯୋଗଶିକ୍ଷା ପ୍ରଦାନ, ଏକ କ୍ରୀଡ଼ା କୈନ୍ଦ୍ରିକ ବାତାବରଣର ବିକାଶ ହେବା, ସ୍ୱଦେଶୀ କ୍ରୀଡ଼ାର ବିକାଶ ହେବା ନିତାନ୍ତ ଆବଶ୍ୟକ। ଏଥିସହିତ ମନ୍ତ୍ରୀ ଶ୍ରୀ ସୂରଜ କ୍ରୀଡ଼ା ପର୍ଯ୍ୟଟନ, କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ ଅର୍ଥନିବେଶ ଆଦି ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ତେଣୁ ଓଡ଼ିଶାର ଖେଳାଳି ଯେପରି ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିପାରିବେ। ସେ ଦିଗରେ କାର୍ଯ୍ୟ କରାଯିବ। ପାରା ଖେଳାଳିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ସଶକ୍ତ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଭିନ୍ନ କ୍ରୀଡ଼ାବିତ୍, ରାଜ୍ୟ କ୍ରୀଡ଼ା ସଂଘର ଅଧିକାରୀ ଓ କର୍ମକର୍ତ୍ତାମାନେ ପ୍ରସ୍ତାବିତ ଓଡ଼ିଶା କ୍ରୀଡ଼ାନୀତି ଉପରେ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦର୍ଶନ ଭିତ୍ତିରେ ଖେଳଶୃଙ୍ଖଳାକୁ ଶ୍ରେଣୀଭୁକ୍ତ କରିବାକୁ କିଛି ଖେଳାଳି ଓ ଖେଳ ପ୍ରଶାସକ ପ୍ରସ୍ତାବ ଦେଇଥିଲେ କାର୍ଯ୍ୟକ୍ରମରେ ପୂର୍ବତନ ଟେଷ୍ଟ୍ କ୍ରିକେଟର୍ ଶିବସୁନ୍ଦର ଦାସ, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଚେସ୍ ଚାମ୍ପିଅନ୍ ପଦ୍ମିନୀ ରାଉତ, ଅନ୍ତର୍ଜାତୀୟ ଆଥଲେଟ୍ ଅମିୟ ମଲ୍ଲିକ, ଭାରତୀୟ ଫୁଟ୍‌ବଲ୍ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ସମୀର ଦେ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓଡିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ୍, ଓଡ଼ିଶା ଫୁଟ୍‌ବଲ୍ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଳବ ଚୌଧୁରୀ, ବିଶ୍ୱକପ୍ ବିଜେତା ଦୃଷ୍ଟିବାଧିତ କ୍ରିକେଟର ଜାଫର ଇକ୍‌ବାଲ୍, ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ କର୍ମକର୍ତ୍ତା ଓ ପ୍ରତିନିଧି, ପୂର୍ବତନ କ୍ରୀଡ଼ାବିତ ତଥା ନ୍ୟୁରୋସାଇଣ୍ଟିଷ୍ଟ ଲଗ୍ନଜିତ ଦାଶ, ହାଇ ପରଫର୍ମାନ୍ସ ସେଣ୍ଟର ପ୍ରଶିକ୍ଷକ ମାର୍ଟିନ୍ ନେ୍ସ ଓ ବାପି ରାଇ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଭି ଜୋନାଲ ଚେସ ଚାମ୍ପିୟନସିପ୍ ଉଦ୍‌ଯାପିତ




ଭୁବନେଶ୍ୱର, ୨୩।୧୦: ଡି.ଏ.ଭି. ପବ୍ଲିକ୍ ସ୍କୁଲ, କଳିଙ୍ଗ ନଗରଠାରେ ଡି.ଏ.ଭି ଜାତୀୟ କ୍ରୀଡ଼ା ଅନ୍ତର୍ଗତ ଡି.ଏ.ଭି ଜୋନାଲ୍ ଚେସ୍ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୨ଟି ସ୍କୁଲରୁ ୧୨୭ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉଭୟ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗରେ ଡି.ଏ.ଭି, କଳିଙ୍ଗ ନଗର ଚମ୍ପିଅନ୍, ଡି.ଏ.ଭି, ଚନ୍ଦ୍ରଶେଖରପୁର ରନର୍ସ ଅପ୍। ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଡି.ଏ.ଭି, ଚନ୍ଦ୍ରଶେଖରପୁର ଚମ୍ପିଅନ୍, ଡିଏଭି, ଝାରସୁଗୁଡ଼ା ରନର୍ସଅପ୍। ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ଡି.ଏ.ଭି, ସି.ଡି.ଏ. କଟକ ଚମ୍ପିଅନ୍ ଡିଏଭି, ଚନ୍ଦ୍ରଶେଖରପୁର ରନର୍ସ ଅପ୍। ୧୯ ବର୍ଷରୁ କମ୍ ବାଳକ ବିଭାଗରେ ଡି.ଏ.ଭି, ସି.ଡି.ଏ. କଟକ ଚମ୍ପିଅନ୍, ଡିଏଭି, ଚନ୍ଦ୍ରଶେଖରପୁର ରନର୍ସ ଅପ୍। ୧୯ ବର୍ଷରୁ କମ୍ ବାଳିକା ବିଭାଗରେ ଡି.ଏ.ଭି, ସି.ଡି.ଏ. କଟକ ଚମ୍ପିଅନ୍, ଡିଏଭି, ଇବ୍ ଭ୍ୟାଲୀ ବ୍ରଜରାଜନଗର ରନର୍ସ ଅପ। ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷିକା ବୃନ୍ଦ ଯୋଗଦେଇ ବିଜେତା ମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧକ୍ଷ ବଳରାମ ମହାପାତ୍ର କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାକୁ ଓଡ଼ିଶା ଚେସ୍ ଆସୋସିଏସନ୍‌ର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ମୁଖ୍ୟ ଆର୍ବିଟର ଓ ଅଫିସିଆଲ୍ ଭାବେ ସୃଜନ ରାୟ ପରିଚାଳନା କରିଥିଲେ। ବିଦ୍ୟାଳୟର ଶାରୀରିକ ଶିକ୍ଷା ବିଭାଗର ମୁଖ୍ୟ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଶିକ୍ଷକ ଏ ରବିଶଙ୍କର, ଶିକ୍ଷୟିତ୍ରୀ ଶୁଭଶ୍ରୀ ରାଉଳ ଏବଂ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାମାନଙ୍କ ସହାୟତାରେ ଏହି ପ୍ରତିଯୋଗିତାଟି ସୂଚାରୁରୂପେ ସମ୍ପାଦିତ ହୋଇଥିଲା।

# ପନ୍ତଙ୍କୁ ନିଜର ଗୁରୁ ମାନିଲେ ଶାମି




ନୂଆଦିଲ୍ଲୀ, ୨୨।୧୦: ଟିମ୍ ଇଣ୍ଡିଆର ଦ୍ରୁତ ବୋଲର ମହମ୍ମଦ ଶାମୀ ବର୍ତ୍ତମାନ ଆହତ ସମସ୍ୟାକୁ ନେଇ ଏନ୍‌ସିଏରେ ଅଛନ୍ତି ଦିନିକିଅ। ବିଶ୍ୱକପ୍ ୨୦୨୩ ପରେ ସେ ମଇଦାନକୁ ଓହ୍ଲାଇ ନାହାନ୍ତି। ଫେବୃଆରୀ ୨୦୨୪ରେ ସେ ନିଜର ସର୍ଜରୀ କରାଇଥିବା ବେଳେ ପୁଣି ଥରେ ତାଙ୍କୁ ବୋଲିଂ କରୁଥିବା ଦେଖାଯାଇଛି। ଏସବୁ ମଧ୍ୟରେ ସେ ପନ୍ତଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି, ଯାହାକି ସମସ୍ତଙ୍କ ହୃଦୟ ଜିତିଛି। ଆଘାତରୁ ସୁସ୍ଥ ହେବା ସମୟରେ ପନ୍ତଙ୍କଠାରୁ ସେ ପ୍ରେରଣା ନେଇଥିଲେ, ଏହା ତାଙ୍କୁ ବେଶ ସହାୟକ ହୋଇଥିଲା। ୨୦୨୨ରେ ଦୁର୍ଘଟଣାର ଶିକାର ହୋଇଥିଲେ ପନ୍ତ। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ସର୍ଜରୀ ପରେ ସୁସ୍ଥ ହେବାକୁ ତାଙ୍କୁ ବହୁତ ସମୟ ଲାଗିଥିଲା। ଏଣୁ ସେ ଦୀର୍ଘଦିନ ଧରି କ୍ରିକେଟରୁ ଦୂରରେ ରହିଥିଲେ। ଏନ୍‌ସିଏରେ ସେ ସୁସ୍ଥ ହେବାକୁ ଥିବା ବେଳେ ଶାମି ତାଙ୍କ ସହ ବହୁତ ସମୟ ବିତାଇଥିଲେ। ସେତେବେଳେ ତାଙ୍କଠାରୁ ବହୁତ କିଛି ଶାମିଙ୍କୁ ଶିଖିବାକୁ ମିଳିଥିଲା, ଯାହାକି ଏବେ କାମରେ ଆସିଛି।

ଏକ କାର୍ଯ୍ୟକ୍ରମରେ ଶାମି ପନ୍ତଙ୍କୁ ନେଇ କହିଛନ୍ତି, ମୁଁ ଏନ୍‌ସିଏରେ ପନ୍ତଙ୍କ ସହ ଆଘାତ ହେବା ସମୟରେ ଥିଲି ସେ ରିହାବ କରୁଥିଲେ ତାଙ୍କର କିଛି ଫଟୋ ଦେଖିଥିଲି, ଯାହାକି ବେଶ ଭୟାନକ ଥିଲା ହେଲେ ତାଙ୍କୁ କେବେ ଦୁଃଖିତ ହେବା ଦେଖି ନ ଥିଲି ଏହା ମୋତେ ବହୁତ ପ୍ରେରଣା ଦେଇଛି ତାଙ୍କର ସମସ୍ତ ଲିଗାମେଣ୍ଟ ଭାଙ୍ଗି ଯାଇଥିଲା ହେଲେ ସେ ହସ ହସ ମୁହଁରେ ରିହାବ କରୁଥିଲେ। ଏହା ମୋ ପାଇଁ ବଡ଼ ଶିକ୍ଷା ଥିଲା। ତାଙ୍କର ସକରାତ୍ମକ ରହିବା ମୋତେ ଧୈର୍ଯ୍ୟର ଆବଶ୍ୟକତା ଶିଖାଇଥିଲା ବୋଲି ସେ କହିଛନ୍ତି।

# ରାହୁଲଙ୍କ ହାତ ଛାଡ଼ିବ ଏଲଏସଜି !

ନୂଆଦିଲ୍ଲୀ, ୨୩।୧୦: ଭାରତୀୟ କ୍ରିକେଟର କେ.ଏଲ୍ ରାହୁଲ ଭଲ ପ୍ରଦର୍ଶନ କରି ଟିମରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ କିନ୍ତୁ ସେ କିଛି ମାସ ହେଲାଣି ଭଲ ଫର୍ମରେ ନାହାଁନ୍ତି। ବିଭିନ୍ନ ମ୍ୟାଚରେ ତାଙ୍କୁ ସୁଯୋଗ ମିଳୁଥିଲେ ବି ସେ ଭଲ ପ୍ରଦର୍ଶନ କରିପାରୁନାହାନ୍ତି। ଏମଧ୍ୟରେ ରାହୁଲଙ୍କ ପ୍ରଶଂସକଙ୍କ ପାଇଁ ଏକ ବଡ଼ ଖବର ଆସିଛି।

କୁହାଯାଉଛି ଯେ, ଲକ୍ଷ୍ନୌ ସୁପର ଜିଆଣ୍ଟସ୍(ଏଲଏସଜି) ରାହୁଲଙ୍କୁ ଆଇପିଏଲ ୨୦୨୫ରେ ଆଉ ସୁଯୋଗ ଦେବ ନାହିଁ। ଅର୍ଥାତ ଆଇପିଏଲ ୨୦୨୫ରେ ଏଲଏସଜିରୁ ବାଦ ପଡ଼ିବେ। ରାହୁଲ ଆଇପିଏଲ ୨୦୨୫ର ମେଗା ନିଲାମ ପୂର୍ବରୁ ଦଳଗୁଡ଼ିକ 'ରିଲିଜ୍ ଆଣ୍ଡ ରିଟେନ' ତାଲିକା ପ୍ରକାଶ କରନ୍ତି କୁହାଯାଉଛି ଯେ, ଏଲଏସଜି 'ରିଲିଜ୍ ଆଣ୍ଡ ରିଟେନ' ସୂଚୀ ଜାରି କରି ରାହୁଲଙ୍କୁ ରିଲିଜ୍ କରୁଥିବା ଘୋଷଣା କରିବ। ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଏଲଏସଜିର ପରିଚାଳନା କମିଟି କେ.ଏଲ୍ ରାହୁଲଙ୍କ ପ୍ରଦର୍ଶନ ଉପରେ ଖୁସି ନାହାନ୍ତି ରାହୁଲ ଗତ ତିନି ସିଜିନ ପାଇଁ ଦଳର ଅଧିନାୟକ ଥିଲେ। କିନ୍ତୁ ତାଙ୍କ ଷ୍ଟ୍ରାଇକ୍ ହାର ଭଲ ନଥିବାରୁ ମ୍ୟାନେଜମେଣ୍ଟ ଖୁସି ନଥିବା କୁହାଯାଉଛି। ଏବେ ଏହି ଦଳର ମେଣ୍ଟର ଅଛନ୍ତି ଜହିର ଖାନ ଓ କୋଚ୍ ଅଛନ୍ତି ଜଷ୍ଟିନ୍ ଲେଙ୍ଗର ରାହୁଲଙ୍କ ପ୍ରଦର୍ଶନକୁ ନେଇ ଉଭୟେ ଅନେକ ଆଲୋଚନା କରିଛନ୍ତି। ଗତ ସିଜିନରେ ଏଲଏସଜିର ପ୍ରଦର୍ଶନ ବିଶେଷ ଭଲ ନଥିଲା। ଏହି ସବୁ କାରଣରୁ ରାହୁଲ ବର୍ତ୍ତମାନ ଦଳରୁ ବାଦ୍ ପଡ଼ିପାରନ୍ତି ବୋଲି କୁହାଯାଉଛି।

# ଟି-୨୦ରେ ଜିମ୍ବାୱେର ବିଶ୍ୱରେକର୍ଡ

ନୂଆଦିଲ୍ଲୀ: ଟି-୨୦ କ୍ରିକେଟ୍ ଇତିହାସରେ ଏକ ଚମତ୍କାର ସଫଳତା ହାସଲ କରିଛି ଜିମ୍ବାୱେ ଜାତୀୟ କ୍ରିକେଟ୍ ଦଳ। ସିକନ୍ଦର ରାଜାଙ୍କ

## ଜିମ୍ବାୱେ ୩୪୪ ରନ୍, ଗାମ୍ବିଆ ୫୪ରେ ଅଲ୍‌ଆଉଟ

## ୩୪ ବଲରୁ ଶତକ ହାସଲ କଲେ ରାଜା



ନେତୃତ୍ୱାଧୀନ ଦଳ ବୁଧବାର (ଅକ୍ଟୋବର ୨୩) ବ୍ୟାଟ୍ ରେ ଦମଦାର ପ୍ରୟାସ କରି ଖେଳର ସବୁଠାରୁ ଛୋଟ ଫର୍ମାଟରେ ସର୍ବାଧିକ ଦଳୀୟ ସ୍କୋରର ରେକର୍ଡ ଭାଙ୍ଗିଦେଇଛି। ଦଳ ପ୍ରଥମେ ବ୍ୟାଟିଂ କରି ୩୪୪ ରନ୍ କରିଥିବାବେଳେ କରିଥିବାବେଳେ ଗାମ୍ବିଆ ମାତ୍ର ୫୪ନ ରନ୍ କରି ୨୯୦ ରନରେ ପରାସ୍ତ ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଜିମ୍ବାୱେ। ୨୦୨୩ରେ ମଙ୍ଗୋଲିଅ। ବିପକ୍ଷରେ ୨୦ ଓଭରରେ ନେପାଳର ୩୧୪ ରନ୍‌କୁ ପଛରେ ପକାଇ ସେମାନେ ୨୦ ଓଭରରେ ମୋଟ ୩୪୪ ରନ୍ ସଂଗ୍ରହ କରିଥିଲେ। ବ୍ରାଏନ୍ ବେନେଟ୍ (୫୦) ଓ ତାଡିନାସେ ମାରୁମାନି (୬୨)ଙ୍କ ଭଳି ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ୍ ମାନେ ମ୍ୟାଚ୍ ଆରମ୍ଭ କରିଥିଲେ। ସେମାନେ କ୍ଷୁବ୍ଧ ହୋଇ ଦ୍ରୁତ ଗତିରେ ଟିମ୍ ପାଇଁ ଅର୍ଦ୍ଧଶତକ ହାସଲ କରିଥିଲେ। ସେମାନେ ମାତ୍ର ୫.୪ ଓଭରରେ ୯୮ ରନ୍ ଯୋଡ଼ି ବିରୋଧୀଦଳକୁ ଚାପରେ ପକାଇଥିଲେ। ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଡିଓନ୍ ମାୟର୍ସ ୫ ବଲ୍ ରେ ୧୨ ରନ୍ କରି ଆଉଟ୍ ହୋଇଥିଲେ। ତେବେ ଅଧିନାୟକ ସିକନ୍ଦର ରଜାଙ୍କ ବ୍ୟାଟ୍‌ରୁ ଅସଲ ବ୍ଲିଜ୍ ଆସିଥିଲା, ଯିଏ ବ୍ୟାଟ୍ ରେ ସୁବର୍ଣ୍ଣ ସ୍ପର୍ଶ ଜାରି ରଖିଥିଲେ ଏବଂ ଓପନରଙ୍କ ଦ୍ୱାରା ଦିଆଯାଇଥିବା ପ୍ଲାଟଫର୍ମକୁ କ୍ୟାସ କରିବା ସୁନିଶ୍ଚିତ କରିଥିଲେ। ଏହି ଅଲରାଉଣ୍ଡର ଏକ ନିଷ୍ଠୁର ଶତକ ହାସଲ କରିବା ସହ ମ୍ୟାଚ୍ ରେ ନିଜ ଦଳକୁ ଆଧିପତ୍ୟ ବଜାୟ ରଖିବାକୁ ସୁନିଶ୍ଚିତ କରିଥିଲେ। ରାଜା ୪୩ ବଲ୍‌ରୁ ୧୩୩ ରନ୍ କରି ଅପରାଜିତ ରହିଥିଲେ। ସେ ୭ ଚୌକା ଓ ୧୫ ଛକା ୩୦୯ ଷ୍ଟ୍ରାଇକ୍ ରେଟ୍ ରେ ବ୍ୟାଟିଂ କରି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବା ଦେଖିବାକୁ ମିଳିଥିଲା।

ଜବାବରେ ଗାମ୍ବିଆ ୧୪.୪ ଓଭରରେ ମାତ୍ର ୫୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ୯ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁପାରିନଥିଲାବେଳେ ୧୦ ନମ୍ବର ଖେଳାଳି ଜାର୍ଜୁ ୧୨ ରନ୍ କରିଥିଲେ। ନାଗରା ଓ ମାଭୁତା ୩ ଲେଖାଏଁ ସଫଳତା ପାଇଥିଲେ।

# ସନ୍ନ୍ୟାସରୁ ୟୁ-ଟର୍ଣ୍ଣ ନେଇପାରନ୍ତି ୱାର୍ଣ୍ଣର

ନୂଆଦିଲ୍ଲୀ, ୨୩।୧୦: ପ୍ରାୟ ମାସକ ପରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ଖେଳାଯିବ। ୧୦ ବର୍ଷ ଧରି ପରାଜିତ ହୋଇ ଆସୁଥିବାରୁ ଏହି ସିରିଜରେ ଅଷ୍ଟ୍ରେଲିଆ ଜିତିବା ଲାଗି ଆଶା ବାନ୍ଧିଛି। ଏହାକୁ ନେଇ ପ୍ୟାଟ କମିନ୍ସଙ୍କ ସମେତ ଟିମ୍‌ର ଅନ୍ୟ ଖେଳାଳିମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏସବୁ ମଧ୍ୟରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିବା ଡେଭିଡ ୱାର୍ନର ଭାରତକୁ ହରାଇବା ନିମନ୍ତେ ବଡ଼ ଘୋଷଣା କରିଛନ୍ତି ଯଦି ଭାରତକୁ ହରାଇବା ଲାଗି ତାଙ୍କର ଆବଶ୍ୟକତା ପଡେ ତେବେ ସେ ସନ୍ନ୍ୟାସରୁ ଓହରି ପୁଣି ଖେଳିବାକୁ ପ୍ରସ୍ତୁତ ବୋଲି କହିଛନ୍ତି

ଲଗାତାର ୪ ଥର ବର୍ଡର ଗାଭାସ୍କର ଟ୍ରଫିରେ ଅଷ୍ଟ୍ରେଲିଆକୁ ହରାଇଛି। ଭାରତ ଏହି ସମୟରେ ଟିମ୍ ଇଣ୍ଡିଆ। ଅଷ୍ଟ୍ରେଲିଆକୁ ୨ ଥର ଭାରତ ଏବଂ ୨ ଥର ଘରୋଇ ମାଟିରେ ହରାଇଛି ଏହି ପରାଜୟକୁ




ନେଇ ପୁରା ଟିମ୍ ଜୋର ଲଗାଉଛନ୍ତି ଟେଷ୍ଟ ଟିମ୍ ଅଧିନାୟକ କମିନ୍ସ ଭାରତକୁ ହରାଇବା ଲାଗି କଳ ବଳ କୌଶଳ ଆପଣାଇବାକୁ ଚାହୁଁଛନ୍ତି। ଏବେ ସେମାନଙ୍କ ଚିନ୍ତା ଦୂର କରିବା ଲାଗି ପୋଡକାଷ୍ଟ ଜରିଆରେ ୱାର୍ନର ବଡ ବାର୍ତ୍ତା ଦେଇଛନ୍ତି ଗୋଟିଏ କଲ୍‌ରେ ସେ ସିରିଜ ଖେଳିବାକୁ ଉପଲବ୍ଧ ହୋଇଯିବେ ବୋଲି କହୁଛନ୍ତି।

ନଭେମ୍ବର ୨୨ରେ ଖେଳାଯିବାକୁ ଥିବା ଏହି ସିରିଜ ପୂର୍ବରୁ ୱାର୍ନର କହିଛନ୍ତି, ଅଷ୍ଟ୍ରେଲିଆ ଟିମ୍ ଫେବୃଆରୀ ପରେ କେବଳ ଗୋଟିଏ ଟେଷ୍ଟ ଖେଳିଛି। ଅର୍ଥାତ ମୋର ପ୍ରସ୍ତୁତି ତାଙ୍କ ଭଳି ରହିଛି। ଯଦି ବାସ୍ତବରେ ଏହି ସିରିଜ ଲାଗି ମୋର ଆବଶ୍ୟକତା ରହିଛି। ତେବେ ମୁଁ ପ୍ରସ୍ତୁତି ଆରମ୍ଭ କରିଦେବା ଉଚିତ। କାରଣ ଯୋଗୁ ସନ୍ନ୍ୟାସ ନେଇଛି ଏବେ ଏହାକୁ ଶେଷ କରିବାକୁ ଚାହୁଁଛି। ଯଦି ସେମାନଙ୍କୁ କାହାର ଆବଶ୍ୟକତା ଥିବ ତେବେ ମୁଁ ପ୍ରସ୍ତୁତ ପଛକୁ ହଟିବି ନାହିଁ ବୋଲି ସେ କହିଛନ୍ତି ତେବେ ସେ ଚଳିତ ବର୍ଷ ଜାନୁଆରୀରେ ପାକିସ୍ତାନ ବିପକ୍ଷରେ ଅନ୍ତିମ ମ୍ୟାଚ୍ ଖେଳି ଅବସର ଘୋଷଣା କରିଥିଲେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ